**<u>ରିପୋର୍ଟ ଯୋଗ୍ୟ</u>**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ...**
**ଦେୱାନୀ ଅପିଲ କ୍ଷେତ୍ରାଧିକାର**

**<u>୨୦୧୫ ର ଦେୱାନୀ ଆବେଦନ ସଂଖ୍ୟା ୬୯୪୪</u>**

**ଓଡ଼ିଶା ରାଜ୍ୟ ଓ ଅନ୍ୟଜଣେ.....ଆବେଦନକାରୀ (ମାନେ)**

**ବନାମ**

**ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କର୍ମଚାରୀ ସଂଘ ଓ ଅନ୍ୟଜଣେ.....ଉତ୍ତରଦାତା (ମାନେ)**

**<u>ରାୟ</u>**

**<u>ଦୀନେଶ ମାହେଶ୍ୱରୀ , ବିଚାରପତି</u>**

୧. ୨୦୧୧ ର ରିଟ୍ ଆବେଦନକାରୀ ସଂଖ୍ୟା ୨୬୮ ରେ ତା ୨୦.୧୨.୨୦୧୨ ରିଖରେ ଦିଆଯାଇଥିବା ରାୟ ଏବଂ ଆଦେଶ ବିରୋଧରେ ଏହି ଅପିଲ କରାଯାଇଛି , ଯେଉଁଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଆବେଦନକାରୀ - ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତଃ-ଅଦାଲତ ଆବେଦନ (ଅପିଲ) କୁ ବରଖାସ୍ତ କରିଦେଇଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ୨୦୧୦ ର ଡବ୍ଲ୍ୟୁ ପି (ସି) ନଂ ୮୪୩୮ ରେ ତା ୨୫.୧୦.୨୦୧୦ ରିଖରେ ଦିଆଯାଇଥିବା ଆଦେଶକୁ ସୁନିଶ୍ଚିତ କରିଛନ୍ତି , ଯେଉଁଥିରେ ଓଡ଼ିଶା ଖଦି ଏବଂ ଗ୍ରାମୋଦ୍ୟୋଗ ବୋର୍ଡର[1] କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀଙ୍କ ଭଳି ପେନସନ ଲାଭ ପାଇବା ପାଇଁ ହକଦାର୍ କରିଛନ୍ତି ଏବଂ ଏଥିସହିତ ପ୍ରଯୋଜ୍ୟ ନିୟମରେ ସଂଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨. ଏହି ଆବେଦନରେ , ଆବେଦନକାରୀ- ଓଡ଼ିଶା ରାଜ୍ୟ ସରକାର ମୁଖ୍ୟତଃ ପ୍ରତିବାଦ କରି ଯୁକ୍ତି ବାଢିଛନ୍ତି ଯେ , ପ୍ରଯୋଜ୍ୟ ନିୟମାବଳୀର ବିପରୀତରେ ଯାଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ହୋଇନାହିଁ , ଯାହା କି ବୋର୍ଡର କର୍ମଚାରୀମାନଙ୍କର ପେନସନଭୋଗ ଅଧିକାରକୁ ବିଶେଷରୂପେ ଅଗ୍ରାହ୍ୟ କରୁଛି ଏବଂ ଯେତେବେଳେ କି ନିୟମାବଳୀରେ ଥିବା ବ୍ୟବସ୍ଥା ପ୍ରତି ନା କୌଣସି ପ୍ରକାରର ଆପତ୍ତି (ଚାଲେଞ୍ଜ୍ ) କରାଯାଇଥିଲା ନା ଏହା ଅବୈଧ ଘୋଷିତ ହୋଇଥିଲା ।

---

[1]ଏହା ପରେ 'ବୋର୍ଡ' ଭାବେ ମଧ୍ୟ ଉଲ୍ଲେଖ କରାଯାଇଛି।

୩.	ଏହି ଆବେଦନରେ ଉଠିଥିବା ପ୍ରଶ୍ନଗୁଡିକ ଉପରେ ବିଚାର ଆରମ୍ଭ କରିବା ସମୟରେ ପ୍ରାରମ୍ଭରୁ ପ୍ରଯୁଜ୍ୟ ବୈଧାନିକ ବ୍ୟବସ୍ଥା ଉପରେ ଦୃଷ୍ଟି ପକାଇବା ଉଚିତ ହେବ ।

୩.୧. ସାରା ଓଡିଶା ରାଜ୍ୟରେ ଖଦି ଓ ଗ୍ରାମ୍ୟ ଶିଳ୍ପକୁ ସଙ୍ଗଠିତ କରିବା , ପ୍ରୋତ୍ସାହନ ଦେବା , ବିକାଶଶୀଳ କରିବା ତଥା ନିୟନ୍ତ୍ରିତ କରିବାର ଲକ୍ଷ୍ୟ ଓ ଆଭିମୁଖ୍ୟରେ ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ଅଧିନିୟମ ୧୯୫୫[2] ଅଧୀନରେ ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ଗଠନ କରାଯାଇଥିଲା ।

୩.୨	ଅଧିନିୟମ , ୧୯୫୫ ର ଧାରା ୩ ନିମ୍ନାନୁସାରେ ପଠନୀୟ :–

> "୩. ବୋର୍ଡର ଅନ୍ତର୍ଭୁକ୍ତୀକରଣ :- (୧) ରାଜ୍ୟ ସରକାର ଏହି ଅଧିନିୟମର ଉଦ୍ଦେଶ୍ୟ ସାଧନ ଦିଗରେ ସେମାନେ ଅଧିସୂଚନା ଜରିଆରେ ଏଥିପାଇଁ ଯେଉଁ ତାରିଖ ଧାର୍ଯ୍ୟ କରିବେ ସେହି ତାରିଖଠାରୁ ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ନାମରେ ଏକ ବୋର୍ଡ ପ୍ରତିଷ୍ଠା କରିପାରିବେ ।
> (୨) ଉପ-ଧାରା (୧) ଅଧୀନରେ ଗଠିତ ବୋର୍ଡ ନିଜର ଶାଶ୍ୱତ ଉତ୍ତରାଧିକାର ଏବଂ ସାଧାରଣ ମୋହର ସହିତ ଏହାର ଏକ ନାମରେ ଅନ୍ତର୍ଭୁକ୍ତୀକରଣ ହୋଇ ଏକ ନିଗମ ନିକାୟ ହେବ ଏବଂ ଏହା ନିଜ ନିଗମ (କର୍ପୋରେଟ) ନାମରେ ମାମଲା ରୁଜୁ କରିପାରିବ ଓ ତା' ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇପାରିବ ଏବଂ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅର୍ଜନ କରିବା , ଧାରଣ କରିବା ଓ ହସ୍ତାନ୍ତର କରିବା ପାଇଁ କ୍ଷମ ହେବ ଏବଂ ଅଧିନିୟମର ଉଦ୍ଦେଶ୍ୟାର୍ଥେ ଚୁକ୍ତି ଓ ସମସ୍ତ ଆବଶ୍ୟକୀୟ କାର୍ଯ୍ୟ କରିପାରିବ ।"

୩.୩	ଅଧିନିୟମ ୧୯୫୫ ର ଧାରା ୩୬ ରେ ନିର୍ଦ୍ଧାରଣ କରାଯାଇଛି ଯେ ରାଜ୍ୟ ସରକାରଙ୍କ ପୂର୍ବ ମଞ୍ଜୁରି ସହିତ ବୋର୍ଡ , ଅଧିନିୟମର ଅନୁରୂପ ନିୟମାବଳୀ ପ୍ରସ୍ତୁତ କରିପାରିବ ଏବଂ ଅଧିକନ୍ତୁ ସେଥିରେ କର୍ମଚାରୀମାନଙ୍କ ପାରିଶ୍ରମିକ , ଭତ୍ତା ଏବଂ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ପ୍ରଦାନ କରିବା ଲାଗି ନିୟମ ପ୍ରଣୟନ କରିପାରିବ । ଏହା ନିମ୍ନାନୁସାରେ ପ୍ରଦତ୍ତ କରାଗଲା :–

> "୩୬. **ନିୟମାବଳୀ** : (୧) ଧାରା ୧୨ ର ବ୍ୟବସ୍ଥା ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ବ ମଞ୍ଜୁରି ସହିତ ଅଧିସୂଚନା ଜରିଆରେ ବୋର୍ଡ ଏହି ଅଧିନିୟମ ଏବଂ ତଦନୁସାରେ ପ୍ରଣୀତ ନିୟମର ଅନୁରୂପ ନିୟମ ପ୍ରଣୟନ କରିପାରିବ।
>
> (୨) ବିଶେଷତଃ ଏବଂ ପୂର୍ବ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ବୋର୍ଡ ନିମ୍ନ କ୍ଷେତ୍ରରେ ନିୟମ ପ୍ରଣୟନ କରିପାରିବ –
> (କ) ଏହାର କାର୍ଯ୍ୟ ପଦ୍ଧତି ଏବଂ କାର୍ଯ୍ୟ ସମ୍ପାଦନ କ୍ରିୟା
> (ଖ) ବୋର୍ଡର କର୍ମଚାରୀମାନଙ୍କର ପାରିଶ୍ରମିକ , ଭତ୍ତା ଓ ସେବାର ଅନ୍ୟାନ୍ୟ ସର୍ତ୍ତାବଳୀ
> (ଗ) ବୋର୍ଡର କର୍ମଚାରୀଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ
> (ଘ) ସମିତିମାନଙ୍କର କାର୍ଯ୍ୟ ଏବଂ କାର୍ଯ୍ୟ ନିର୍ବାହ କରିବା ସମୟରେ ଏତାଦୃଶ ସମିତିମାନଙ୍କ ଦ୍ୱାରା ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ।"

---

[2] ଏହା ପରେ '୧୯୫୫ର ଅଧିନିୟମ'/'ଅଧିନିୟମ' ଭାବେ ମଧ୍ୟ ଉଲ୍ଲେଖ କରାଯାଇଛି।

୩.୪ ୧୯୫୫ ଅଧିନିୟମର ଧାରା ୩୬ ରେ ପ୍ରଦତ୍ତ ଅଧିକାରକୁ ପ୍ରୟୋଗ କରି ବୋର୍ଡ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ନିୟମ , ୧୯୬୦[3] ରେ ଏହାର କର୍ମଚାରୀମାନଙ୍କ ସେବାର ସାଧାରଣ ସର୍ତ୍ତ , ପାରିଶ୍ରମିକ , ଭତ୍ତା , ଛୁଟି ମଞ୍ଜୁର , ଅବସରଗ୍ରହଣ ସୁବିଧା ଆଦି ବ୍ୟବସ୍ଥା ପ୍ରସ୍ତୁତ କରିଛି ।

୧୯୬୦ ମସିହାର ନିୟମାବଳୀର ନିୟମ ୪୦ ନିମ୍ନରେ ଦିଆଗଲା :–

> "୪୦. **ଚାକିରିର ସାଧାରଣ ସର୍ତ୍ତାବଳୀ** :- ଏହି ନିୟମାବଳୀରେ ଯଦି ଅନ୍ୟ ପ୍ରକାରେ ବ୍ୟବସ୍ଥା ପ୍ରଦାନ କରାଯାଇ ନ ଥିବ ତେବେ ଓଡ଼ିଶା ସେବା ସର୍ତ୍ତାବଳୀ (ସର୍ଭିସ କୋଡ୍) , ଖଣ୍ଡ (ଭଲ୍ୟୁମ) - ୧ ର , ପରିଶିଷ୍ଟ - ୧ ରୁ ୪ , ୮ ଏବଂ ୧୨ କୁ ଛାଡି , ଅନ୍ୟ ସମସ୍ତ ପରିଶିଷ୍ଟରେ ଥିବା ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ସଂଶୋଧିତ ହୋଇଥିବା ନିୟମାବଳୀ ବୋର୍ଡର କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ ହେବ । ଏହି ଉଦ୍ଦେଶ୍ୟରେ , ପ୍ରଥମ ଅଧ୍ୟାୟ ବ୍ୟତୀତ ସଂହିତାର ଯେ କୌଣସି ସ୍ଥାନରେ 'ସରକାର', 'ସରକାରୀ ସେବକ' ଏବଂ 'ବିଭାଗୀୟ ମୁଖ୍ୟ' ଶବ୍ଦର ଅର୍ଥ ଯଥାକ୍ରମେ 'ବୋର୍ଡ' , 'ବୋର୍ଡର କର୍ମଚାରୀ' ଏବଂ 'ସଭାପତି ' ବୁଝାଇବ । "ଓଡ଼ିଶା ସେବା ସଂହିତାରେ" "ଉଚ୍ଚତର ସେବା" ର ଅର୍ଥ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପଦବୀ ଏବଂ "ନିମ୍ନତର ସେବା" ର ଅର୍ଥ ଚତୁର୍ଥ ଶ୍ରେଣୀ ପଦବୀ ହେବ।"

ବର୍ତ୍ତମାନର ଅପିଲ ପାଇଁ ୧୯୬୦ ନିୟମାବଳୀର ନିୟମ ୫୨ , ଯାହା ସିଧାସଳଖ ପ୍ରାସଙ୍ଗିକ , ନିମ୍ନରେ ଉଲ୍ଲେଖ କରାଗଲା :

> "୫୨. ଅବସରକାଳୀନ ଲାଭ : ଏହି ଧାର୍ଯ୍ୟ ନିୟମାଧୀନରେ ଗ୍ରହଣୀୟ ଆନୁତୋଷିକ (ଗ୍ରାଚ୍ୟୁଇଟି) ଏବଂ ଅଂଶଦାୟୀ ଭବିଷ୍ୟନିଧି / ପାଣ୍ଠି ( ସି ପି ଏଫ ) ଲାଭ ବ୍ୟତୀତ ବୋର୍ଡର କର୍ମଚାରୀମାନେ ଅନ୍ୟ କୌଣସି ଅବସରକାଳୀନ ମାସିକ ଭତ୍ତା (ପେନସନ) ପାଇବା ପାଇଁ ହକଦାର୍ ହେବେ ନାହିଁ।"

ନିୟମଗୁଚ୍ଛ ୫୩ ରୁ ୫୭ ଅଂଶଦାୟୀ ଭବିଷ୍ୟନିଧି / ପାଣ୍ଠି[4] , ଅନୁଦାନ ରାଶି (ସବସ୍କ୍ରିପସନ) , ଅନୁଦାନ ରାଶି (ସବସ୍କ୍ରିପସନ) ଆଦାୟ ଏବଂ ପାଣ୍ଠିରେ ଅର୍ଥଦାନ ଆଦି ବିଷୟ ସହିତ ଜଡ଼ିତ ।

୪. ଏହି ପ୍ରସଙ୍ଗର ବାସ୍ତବିକ ଦୃଷ୍ଟିକୋଣ ଅଧିକ ବିବାଦୀୟ ନୁହେଁ । ତେବେ ବୋର୍ଡର କର୍ମଚାରୀମାନଙ୍କୁ ଅବସରକାଳୀନ ମାସିକ ଭତ୍ତା (ପେନସନ) ପ୍ରଦାନ କରିବା ଏବଂ ବିଶେଷ କରି ବୋର୍ଡର କର୍ମଚାରୀମାନଙ୍କୁ ଅବସରକାଳୀନ ମାସିକ ଭତ୍ତା (ପେନସନ) ଦେବାର ପ୍ରସ୍ତାବ ସମ୍ପର୍କରେ ଓ ଉପରୋକ୍ତ ଅଧିସୂଚିତ ୧୯୬୦ ନିୟମାବଳୀର ନିୟମ ୫୨ ରେ ସଂଶୋଧନ ଆଣିବା ସମ୍ପର୍କରେ କେତେକ ପୃଷ୍ଠଭୂମି ଏବଂ ସେଗୁଡ଼ିକର ପ୍ରମୁଖ ବିଶେଷତ୍ୱ ପ୍ରତି ଧ୍ୟାନ ଦିଆଯାଇପାରେ ।

[3] ଏହା ପରେ '୧୯୬୦ ର ନିୟମାବଳୀ'/'ନିୟମାବଳୀ' ଭାବେ ମଧ୍ୟ ଉଲ୍ଲେଖ କରାଯାଇଛି।

[4] ସଂକ୍ଷେପରେ 'ସି ପି ଏଫ'।

୪.୧ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ଅଧିକାର ପ୍ରଦାନ କରିବା ଲାଗି ପ୍ରସ୍ତାବଟି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଅନେକ ଯୋଗାଯୋଗର ବିଷୟବସ୍ତୁ ଥିଲା ଏବଂ ଅତୀତରେ ଏହା କେତେକ ବିବାଦୀୟ ମାମଲାର ବିଷୟବସ୍ତୁ ମଧ୍ୟ ଥିଲା । ଅନାବଶ୍ୟକ ବିଶେଷ ବିବରଣୀକୁ ବାଦ ଦେଲେ ଯାହା ପରିଲକ୍ଷିତ , ବୋର୍ଡ ପକ୍ଷରୁ ତା ୦୬.୧୦.୧୯୮୨ ରିଖ ପରଠାରୁ କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବା ଲାଗି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା ଏବଂ ଏ ସଂକ୍ରାନ୍ତରେ ୧୯୬୦ ନିୟମାବଳୀରେ ସଂଶୋଧନ କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ତା ୨୫.୦୨.୧୯୮୫ ରିଖରେ ବୋର୍ଡ କର୍ମଚାରୀମାନଙ୍କୁ ଅବସରକାଳୀନ ମାସିକ ଭତ୍ତା (ପେନସନ) ପ୍ରଦାନ କରିବା ପ୍ରସ୍ତାବ ଉପରେ ଶିକ୍ଷା ନିର୍ଦ୍ଦେଶକଙ୍କ ମତାମତ ଲୋଡ଼ିଥିଲା ଏବଂ ଏହାର ଜବାବରେ ତା ୩୧.୧୦.୧୯୮୫ ରିଖରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ମତ ଦେଇଥିଲେ ଯେ ବୋର୍ଡର କର୍ମଚାରୀମାନଙ୍କୁ ଅବସରକାଳୀନ ମାସିକ ଭତ୍ତା (ପେନସନ) ସୁବିଧା ପ୍ରଦାନ କରିବା ନେଇ କୌଣସି ଆପତ୍ତି ରହିବା ଉଚିତ ନୁହେଁ । ତତ୍ ପରେ , ବୋର୍ଡର କର୍ମଚାରୀମାନଙ୍କୁ ଯଦି ପେନସନ ପ୍ରଦାନ କରାଯାଏ ତେବେ ଆବଶ୍ୟକ ହେଉଥିବା ବାର୍ଷିକ ଅର୍ଥରାଶି କେତେହେବ, ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି[5] ତୁଳନାରେ ପେନସନ ପ୍ରଦାନ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଅଧିକ ନା କମ୍ ହେବ ଏବଂ ଆଗାମୀ ୫ ବର୍ଷରେ ଅବସର ନେବାକୁ ଥିବା କର୍ମଚାରୀମାନଙ୍କର ସବିଶେଷ ବିବରଣୀ ଏବଂ ସେମାନଙ୍କୁ ପେନସନ ପ୍ରଦାନ କରିବା ପାଇଁ ଆବଶ୍ୟକ ପୁଞ୍ଜିର ପରିମାଣ କେତେ , ଏହିସବୁ ସମ୍ବନ୍ଧରେ ତା ୧୮.୧୨.୧୯୮୫ ରିଖରେ ଓଡ଼ିଶା ସରକାରଙ୍କ ଶିକ୍ଷୋଦ୍ୟୋଗ ବିଭାଗ ବୋର୍ଡଠାରୁ କିଛି ସୂଚନା ମାଗିଥିଲା । ଏହା ପରେ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରାଯିବାର ଯଥାର୍ଥତା ଦର୍ଶାଇ ବୋର୍ଡର ଅଧ୍ୟକ୍ଷଙ୍କ ତରଫରୁ ତା ୧୫-୦୫-୧୯୯୦ ରିଖରେ ଏକ ପତ୍ର ଦିଆଯାଇଥିଲା । ୧୯୯୧ ମସିହା ସେପ୍ଟେମ୍ବର ୧୯ ତାରିଖରେ ଏବଂ ଏହାପରେ ୧୯୯୨ ମସିହା ଅକ୍ଟୋବର ୮ ତାରିଖରେ ବୋର୍ଡର କାର୍ଯ୍ୟକଳାପ , ଏହାର ଉଦ୍ଦେଶ୍ୟ ଏବଂ ଅଧୁନାତନ (ଅପଡେଟେଡ) ଆର୍ଥିକ ବିବରଣୀ ଏବଂ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରାଗଲେ ଖର୍ଚ୍ଚର ପରିମାଣ କେତେ ହେବ ଇତ୍ୟାଦି ସମ୍ବନ୍ଧରେ ଶିକ୍ଷା ବିଭାଗ ପୁନର୍ବାର ସୂଚନା ମାଗିଥିଲା । ଏହାର ପ୍ରତ୍ୟୁତ୍ତରରେ ବୋର୍ଡର ସଚିବ ତା ୧୮.୧୨.୧୯୯୨ ରିଖରେ ରାଜ୍ୟ ସରକାରଙ୍କୁ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ଦିଆଯିବାର ଯଥାର୍ଥତା ଦର୍ଶାଇ ନିଜର ପକ୍ଷ ରଖିଥିଲେ ।

[5] ସଂକ୍ଷିପ୍ତରେ 'ଇପିଏଫ୍'।

୪.୨ ଉପରୋକ୍ତ ସୂଚନା ବିନିମୟ ଆଧାରରେ ତା ୧୭.୦୩.୧୯୯୩ ରିଖରେ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗ ଇ ପି ଏଫ କମିଶନରଙ୍କ ଠାରୁ ଅର୍ଥ ଫେରସ୍ତ ଦେବେ ବୋଲି ଲିଖିତାକାରରେ ପ୍ରତିବନ୍ଧକ ଦୂରୀକରଣ ନେବା ପାଇଁ ବୋର୍ଡକୁ କହିଥିଲେ ଓ ଅର୍ଥ ବିଭାଗକୁ ପ୍ରସ୍ତାବ ପଠାଇବାକୁ ବିଭାଗକୁ ସମର୍ଥ କରିବା ପାଇଁ ପ୍ରତ୍ୟୁତ୍ତର ପଠାଇବାକୁ କହିଲେ । ତା ୨୪ . ୪ . ୧୯୯୩ ରିଖରେ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ ( ଆର୍ ପି ଏଫ୍ କମିଶନର ) ବୋର୍ଡକୁ ସୂଚନା ଦେଇଥିଲେ ଯେ , ଯେତେବେଳେ ଓଡ଼ିଶା ସରକାର ପ୍ରସ୍ତାବିତ ପେନସନ ଯୋଜନାକୁ ମଞ୍ଜୁରି ପ୍ରଦାନ କରିବେ ସେତେବେଳେ ଫେରସ୍ତ ପ୍ରସ୍ତାବ ଉପରେ ବିଚାର କରାଯିବ । ଏହାପରେ , ତା ୩୦.୦୪.୧୯୯୩ ରିଖରେ ବୋର୍ଡ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗକୁ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି କମିଶନରଙ୍କ ନିର୍ଦ୍ଦେଶାନୁଯାୟୀ ମୋଟ ସଞ୍ଚୟର ପରିମାଣ ସମ୍ପର୍କରେ ଅବଗତ କରାଇଥିଲା ଏବଂ ବିଷୟଟିକୁ ସରକାରଙ୍କ ସହ ବିଚାରବିମର୍ଷ କରି ତ୍ୱରାନ୍ୱିତ କରିବା ପାଇଁ ତା ୧୯.୦୮.୧୯୯୩ ରିଖରେ ବିଭାଗକୁ ଅନୁରୋଧ କରିଥିଲା । ତା ୨୯.୯.୧୯୯୩ ରିଖରେ ବିଭାଗ ବୋର୍ଡଠାରୁ ପୁନର୍ବାର ସ୍ପଷ୍ଟୀକରଣ ମାଗିଥିଲା ଏବଂ ଏହାପରେ ତା ୨୫.୭.୧୯୯୪ ରିଖରେ ବୋର୍ଡ କହିଥିଲା ଯେ ବୋର୍ଡ କର୍ମଚାରୀଙ୍କ ପାଇଁ ପେନସନ ଯୋଜନା , ଲାଗୁ ହେଲେ ସରକାରଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ନାହିଁ।

୪.୩ ଉପରୋକ୍ତ ଯୋଗାଯୋଗ ପରେ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପ ବିଭାଗ , ତା ୨୬.୧୦.୧୯୯୪ ରିଖରେ ଏକ ଚିଠି ଦ୍ୱାରା , ବୋର୍ଡ କର୍ମଚାରୀମାନଙ୍କୁ ତା ୦୧.୦୪.୧୯୭୬ ରିଖରୁ ପେନସନ ସୁବିଧା ଦେବାକୁ ଅନୁମତି ପ୍ରଦାନ କରାଗଲେ କେତେକ ଅନିୟମିତତା ସୃଷ୍ଟି ହେବ ବୋଲି ସୂଚାଇଥିଲା ଏବଂ ନିୟମ ୫୨ ରେ ଆବଶ୍ୟକ ସଂଶୋଧନ କରି ବୋର୍ଡ ପରିବର୍ତ୍ତେ ପେନସନ ଯୋଜନା କାର୍ଯ୍ୟକାରୀ କରିବାର ତାରିଖ ସରକାର ନିର୍ଦ୍ଧାରଣ କରନ୍ତୁ ବୋଲି ପରାମର୍ଶ ଦେଇଥିଲା । ଏହି କଥୋପକଥନର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା :–

> "ଉପରୋକ୍ତ ବିଷୟ ଉପରେ ଆପଣଙ୍କ ତା ୨୫.୭.୧୯୯୪ ରିଖର ପତ୍ର ସଂଖ୍ୟା ୧୦୪୯୧ କୁ ଦେଖିବାକୁ ଏବଂ ଏହା କହିବାକୁ ମୋତେ ନିର୍ଦ୍ଦେଶ ଦିଆଯାଇଛି ଯେ , ୧୯୭୬ ମସିହା ଏପ୍ରିଲ ୧ ତାରିଖରେ କିମ୍ବା ତା'ପରେ ଅବସର ନେଇଥିବା ପ୍ରତ୍ୟେକ କର୍ମଚାରୀ ଓଡ଼ିଶା ଖଦି ଓ ଭି.ଆଇ (VI) ଖଦି ବୋର୍ଡ (ନିୟମ ୫୨ ରେ) , ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ବିଭିନ୍ନ ସମୟରେ ସଂଶୋଧନ କରାଯାଇ ଲାଗୁ ହେଉଥିବା ପେନସନ ଯୋଜନାର ଲାଭ ନେବାକୁ ବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଲାଭ ପାଇଁ ଆଗ୍ରହୀ ହେବାକୁ , ଏକ ପ୍ରତିକଳ୍ପ ବ୍ୟବସ୍ଥାର ପ୍ରସ୍ତାବ ଦେଇଛି । ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶା ସିଭିଲ ସର୍ଭିସ ପେନସନ୍ ନିୟମ ଏବଂ ଓଡ଼ିଶା ସିଭିଲ ସର୍ଭିସ କମ୍ୟୁଟେସନ ଅଫ୍ ପେନସନ୍ ନିୟମ ତା ୦୧.୦୪.୧୯୯୨ ରିଖ ଠାରୁ ଲାଗୁ ହୋଇଛି । ପେନସନ ଏବଂ କମ୍ୟୁଟେସନ ନିୟମର କେତେକ ବ୍ୟବସ୍ଥା ଯଥା ପେନସନ କମ୍ୟୁଟେସନ ଏବଂ ଶେଷ ବେତନର ୫୦ପ୍ରତିଶତ , ସର୍ବାଧିକ ଗ୍ରାଚ୍ୟୁଇଟିର ସୀମା , ପାରିବାରିକ ପେନସନର ସଂଶୋଧିତ ଦର , ଉଦାର ସ୍ୱେଚ୍ଛାକୃତ ଅବସର ଯୋଜନା ଏବଂ ପେନସନ ସମ୍ବନ୍ଧୀୟ ମେଡିକାଲ ପରୀକ୍ଷାର ସଂଶୋଧିତ ପଦ୍ଧତି ଆଦି ୧୯୭୬ ମସିହାରେ ଲାଗୁ ହୋଇନଥିଲା

ଏବଂ ବୋର୍ଡ କର୍ମଚାରୀଙ୍କ ପାଇଁ ତା ୦୧.୦୪.୧୯୭୬ ରିଖ ଠାରୁ ପେନସନ ଲାଭ ସୁବିଧା ଲାଗୁ ହେଲେ ପାତର ଅନ୍ତର ଏବଂ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ତେଣୁ ନିୟମ ୫୨ ରେ ଆବଶ୍ୟକ ସଂଶୋଧନ କରାଯାଇ ଓ.କେ ଆଣ୍ଡ ଭି ଆଇ (VI) ବୋର୍ଡର ଅନୁମୋଦନ ମିଳିବା ପରେ ପେନସନ ଯୋଜନାର କାର୍ଯ୍ୟକାରିତା ତାରିଖ ବୋର୍ଡ ପରିବର୍ତ୍ତେ ସରକାର ସ୍ଥିର କରିବେ ।"

୪.୪ ଏହାପରେ ତା ୦୧.୦୪.୧୯୭୬ ରିଖ ଠାରୁ ବୋର୍ଡର କର୍ମଚାରୀମାନଙ୍କ ପାଇଁ ପେନସନ ଯୋଜନା ଆରମ୍ଭ କରିବା ପ୍ରସ୍ତାବକୁ ଅନୁଧ୍ୟାନ କରି ଏହା ଲାଗୁ ହେଲେ ସରକାରଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ବୋଝ ପଡିବ ନାହିଁ ବୋଲି ଉଲ୍ଲେଖ କରି ନିଜର ମତାମତ ଅର୍ଥ ବିଭାଗକୁ ପଠାଇବା ପାଇଁ ତା ୦୬.୧୦.୧୯୯୫ ରିଖରେ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗର ଉପସଚିବ ଆକାଉଣ୍ଟାଣ୍ଟ ଜେନେରାଲ (ଏ ଆଣ୍ଡ ଇ ) , ଓଡ଼ିଶାଙ୍କୁ ଅନୁରୋଧ କରିଥିଲେ ।

୪.୫ କିନ୍ତୁ ତା ୩୧.୦୭.୧୯୯୬ ରିଖରେ ଶିଳ୍ପ ବିଭାଗ ବୋର୍ଡକୁ କର୍ମଚାରୀମାନଙ୍କ ପାଇଁ ପେନସନ୍ ଯୋଜନା ଆରମ୍ଭ କରିବା ପ୍ରସ୍ତାବକୁ ଅର୍ଥ ବିଭାଗ ବିଭିନ୍ନ କାରଣରୁ ଗ୍ରହଣ କରିନାହିଁ ଜଣାଇ ଏକ ପତ୍ର ଲେଖିଥିଲା ଯଥା : (କ) ପୂର୍ବରୁ ତା ୧୮-୧୨-୧୯୯୨ ରିଖର ପତ୍ର ଜରିଆରେ ପେନସନ ଯୋଜନା ତା ୦୧.୦୪.୧୯୮୫ ରିଖ ଠାରୁ ଲାଗୁ କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା , କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ତା ୦୧.୦୪.୧୯୭୬ ରିଖ ଠାରୁ ଲାଗୁ କରିବା ଲାଗି ସଂଶୋଧିତ କରାଯାଇଥିଲା (ଖ) ପେନସନ ଯୋଜନାକୁ ପିଛିଲା ଭାବରେ କାର୍ଯ୍ୟକାରୀ କରିବା କ୍ୱଚିତ ଥିଲା ଏବଂ ଏହା ଭବିଷ୍ୟତରେ ସରକାରଙ୍କ ସମ୍ମୁଖରେ ପ୍ରଶାସନିକ ଏବଂ ଆର୍ଥିକ ଜଟିଳତା ସୃଷ୍ଟି କରିବ (ଗ) ବୋର୍ଡର କର୍ମଚାରୀ ଯେଉଁମାନେ ତା ୧.୪.୧୯୭୬ ରିଖ ପୂର୍ବରୁ ଅବସର ନେଇଥିଲେ , ସେମାନେ ମଧ୍ୟ ଅବସରକାଳୀନ ଭତ୍ତା ପାଇଁ ଦାବି କରିବେ (ଘ) ଅନ୍ୟ ସରକାରୀ ନିଗମ / ସଂସ୍ଥା / ଅନୁଷ୍ଠାନ ଇତ୍ୟାଦି ପିଛିଲା ହିସାବରେ ପେନସନ ପାଇବା ପାଇଁ ଗୋଳମାଳ ଆରମ୍ଭ କରିଦେବେ ଯାହା ସରକାରଙ୍କୁ ପ୍ରଶାସନିକ ତଥା ଆର୍ଥିକ ବିଷମତାରେ ପକାଇବ । ତେଣୁ ଅର୍ଥ ବିଭାଗର ପର୍ଯ୍ୟବେକ୍ଷଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବକୁ ପୁଣିଥରେ ସମୀକ୍ଷା କରିବା ଲାଗି ବୋର୍ଡକୁ ଅନୁରୋଧ କରାଯାଇଥିଲା । ଅର୍ଥ ଉତ୍ସ ଏବଂ ସରକାରଙ୍କ ଉପରେ ଆର୍ଥିକ ବୋଝକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବକୁ ପୁଣିଥରେ ଦାଖଲ କରିବାକୁ କୁହାଯାଇଥିଲା ।

୪.୬ ଉପରୋକ୍ତ ପୃଷ୍ଠଭୂମିରେ ବୋର୍ଡର କେତେକ ଅବସରପ୍ରାପ୍ତ କର୍ମଚାରୀ ୧୯୯୮ ର ଓଜେସି ନମ୍ବର ୧୫୩୪୪ ରିଟ ପିଟିସନ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ , ଯାହାକୁ ତା ୦୬.୦୨.୨୦୦୧ ରିଖର ନିର୍ଣ୍ଣୟ ଦ୍ୱାରା ଫୈସଲା କରାଯାଇଥିଲା , ଯେଉଁଥିରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଶିଳ୍ପ ବିଭାଗକୁ ବୋର୍ଡ କର୍ମଚାରୀମାନଙ୍କୁ ପେନସନ ଯୋଜନା ଉପଲବ୍ଧ କରାଇବା ଦିଗରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

୪.୭   ଏହାପରେ ତା ୨୦.୦୭.୨୦୦୧ ରିଖରେ ବୋର୍ଡ ଶିକ୍ଷ ବିଭାଗକୁ ଏକ ପତ୍ର ଲେଖି ପେନସନ ଯୋଜନା ଆରମ୍ଭ କରିବାର ଯଥାର୍ଥତା ଏପରି ଦର୍ଶାଇଥିଲା  ଯେ ଏହି ଯୋଜନା ଲାଗୁ କରିବା ପାଇଁ ୧.୮୩ କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ ; ପେନସନ ଯୋଜନା ଦ୍ୱାରା ଆସନ୍ତା ଦଶ ବର୍ଷ ମଧ୍ୟରେ ସରକାର ୧.୯୦ କୋଟି  ଟଙ୍କା ସଞ୍ଚୟ କରିପାରିବ ; ଅବସରପ୍ରାପ୍ତ କର୍ମଚାରୀମାନେ ଯଦି ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୁଅନ୍ତି  , ତେବେ ସେମାନେ ୭୫.୦୭ ଲକ୍ଷ ଇ. ପି.  ଏଫ୍  ଟଙ୍କା ଫେରସ୍ତ ଦେବେ। ତେବେ ତା ୨୭.୩.୨୦୦୨  ରିଖରେ ଶିକ୍ଷ ବିଭାଗ ସୂଚନା ଦେଇଥିଲା ଯେ ରାଜ୍ୟର ଅନିଶ୍ଚିତ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ବୋର୍ଡ କର୍ମଚାରୀମାନଙ୍କ ପାଇଁ ପେନସନ ଯୋଜନା ଆରମ୍ଭ ନ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

୫ .      ତା ୨୭. ୦୩ . ୨୦୦୨ ରିଖର ଉପରୋକ୍ତ ଚିଠିରେ ବ୍ୟଥିତ ହୋଇ ବୋର୍ଡର ପୂର୍ବତନ କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟରେ ୨୦୦୨ ର ଡବ୍ଲ୍ୟୁ . ପି (ସି) ନଂ. ୧୯୫୧ ରିଟ୍ ପିଟିସନ ଦାଖଲ କରିଥିଲେ ।   ଏହି ରିଟ୍ ଆବେଦନ ବିଚାରଧୀନ ଥିବା ସମୟରେ ବୋର୍ଡର ବର୍ତ୍ତମାନର କର୍ମଚାରୀମାନେ  ଅନ୍ୟ ଏକ ରିଟ୍ ଆବେଦନ ଡବ୍ଲ୍ୟୁ. ପି.  (ସି) ନଂ ୧୪୭୨୯/୨୦୦୭ ଦାଖଲ କରିଥିଲେ  , ଯେଉଁଥିରେ ସେମାନେ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସଂଗଠନ  ଓ ସରକାରୀ କର୍ମଚାରୀମାନଙ୍କ ସମତୁଲ୍ୟ ଅବସରକାଳୀନ ସୁବିଧାପ୍ରାପ୍ତି ପାଇଁ ଦାବି  କରିଥିଲେ  ।

୫.୧      ତା ୧୨. ୯. ୨୦୦୮  ରିଖରେ ଉଚ୍ଚ ନ୍ୟାୟାଳୟ  ରିଟ ପିଟିସନ (ସି) ନଂ.୧୯୫୧  /  ୨୦୦୨ ର ଚୂଡାନ୍ତ ଫୈସଲା  କରି ଏଥିସହ ଅନ୍ୟାନ୍ୟ ବିଷୟରେ  କହିଥିଲେ ଯେ ଆବେଦନକାରୀମାନେ ଦୀର୍ଘ ସମୟ ପୂର୍ବରୁ ଅବସର ନେଇଛନ୍ତି ଓ ଯେହେତୁ ସେମାନଙ୍କର ସେବା ସର୍ତ୍ତାବଳୀରେ ପେନସନଲାଭ କରିବାର କୌଣସି ବ୍ୟବସ୍ଥା ନାହିଁ  , ତେଣୁ ସେମାନଙ୍କୁ ପେନସନ ଦେବା ପାଇଁ କୌଣସି ନିର୍ଦ୍ଦେଶ ଜାରି କରାଯାଇପାରିବ ନାହିଁ ।   ତେବେ ଅନ୍ୟ ରିଟ ଆବେଦନ ବିଚାରଧିନ ରହିଥିବା କଥା ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଆଦେଶ  ପ୍ରଦାନ କରିଥିଲେ ଯେ ବର୍ତ୍ତମାନ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଫଳାଫଳ ସେବାନିବୃତ୍ତ କର୍ମଚାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ ଆବେଦନର ଫଳାଫଳ ଉପରେ ନିର୍ଭର କରିବ।

୫.୨     ଏହା ପରେ ୨୦୦୭ ମସିହା ଡବ୍ଲ୍ୟୁ. ପି. (ସି) ନଂ ୧୪୭୨୯ ତା  ୨୫.୧୧.୨୦୦୮  ରିଖରେ ଉଚ୍ଚ ନ୍ୟାୟାଳୟ  ନିର୍ଣ୍ଣୟାତ୍ମକ  ଫୈସଲା  କରି ରାଜ୍ୟ - ଆବେଦନକାରୀଙ୍କୁ ପ୍ରସଙ୍ଗର ପୁନର୍ବିଚାର କରିବାକୁ ଓ ତୁରନ୍ତ ଏକ ନିର୍ଣ୍ଣୟ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟ ନିମ୍ନମତେ ପ୍ରସ୍ତାବ ଏବଂ ନିର୍ଦ୍ଦେଶ ଦେଇଥିଲେ :–

> "୩. ରାଜ୍ୟ ପକ୍ଷରୁ କୌଣସି ପାଲଟା ଜବାବ ଦିଆଯାଇ ନାହିଁ  ।   ସେ ଯାହା ହେଉ ନା କାହିଁକି  , ରାଜ୍ୟ ସରକାର ପେନସନ ଯୋଜନା ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ କିନ୍ତୁ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି କାରଣରୁ ତାହା କାର୍ଯ୍ୟକାରୀ  କରିବାକୁ  ନିବୃତ୍ତ ହେଲେ  ।   ଏଥି ମଧ୍ୟରେ  ୬ ବର୍ଷ ବିତିଗଲାଣି ଏବଂ ଯେହେତୁ ପେନସନ   ଆଉ ଏକ

ବଦାନ୍ୟତା ହୋଇ ରହିନାହିଁ , ଏହି ଦୃଷ୍ଟିକୋଣରୁ ଯଦି ପ୍ରତିବାଦୀ ନଂ - ୧ କୁ ପୂର୍ବ ଆବେଦନରେ ଦିଆ ଯାଇଥିବା ଏହି ନ୍ୟାୟାଳୟର ନିର୍ଦ୍ଦେଶକୁ ପୁନର୍ବିଚାର କରିବାକୁ ଏବଂ ଏହି ଆଦେଶ ଜାରି ହେବା ତାରିଖରୁ ୬ ମାସ ମଧ୍ୟରେ ଯଥାଶୀଘ୍ର ଏକ ନିର୍ଣ୍ଣୟ ନେବାକୁ ଆଦେଶ ଦିଆଯାଏ ତେବେ ନ୍ୟାୟ ଏବଂ ସମାନତାର ଉଦ୍ଦେଶ୍ୟ ଉତ୍ତମ ରୂପେ ସାଧନ ହେବ ବୋଲି ଏହି ନ୍ୟାୟାଳୟ ଅନୁଭବ କରୁଛି ଏବଂ ତଦନୁସାରେ ନିର୍ଦ୍ଦେଶ ଦେଉଛି । "

୬. ଉପରୋକ୍ତ ନିର୍ଦ୍ଦେଶାନୁଯାୟୀ ଏହି ପ୍ରସଙ୍ଗର ପୁନର୍ବିଚାର କରାଯିବା ପରେ ମଧ୍ୟ ଅର୍ଥ ବିଭାଗ କହିଛି ଯେ ବୋର୍ଡ କର୍ମଚାରୀମାନଙ୍କ ପାଇଁ ରାଜ୍ୟ ସରକାର ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱ ବହନ କରିପାରିଲେ ନାହିଁ ଏବଂ ଏହା ଶିଳ୍ପ ବିଭାଗ ଦ୍ୱାରା ତା ୧୪.୧୨.୨୦୦୯ ରିଖରେ ଏକ ପତ୍ର ଜରିଆରେ ବୋର୍ଡକୁ ନିମ୍ନମତେ ଅବଗତ କରାଯାଇଥିଲା –

"ଏହି ବିଷୟ ଉପରେ ଆପଣଙ୍କର ତା ୧୨.୦୫.୨୦୦୯ ରିଖର ପତ୍ର ସଂଖ୍ୟା ୨୧୨୮ କୁ ଉଲ୍ଲେଖ କରି ମୁଁ କହିବାକୁ ଚାହୁଁଛି ଯେ ଏକ ସବିଶେଷ ସମୀକ୍ଷା ପରେ ଅର୍ଥ ବିଭାଗ ଏହା ଜଣାଉଛି ଯେ ରାଜ୍ୟ ସରକାର ଓ.କେ ଏବଂ ଭି.ଆଇ (VI) ବୋର୍ଡ ପାଇଁ ଏହି ପେନସନ ଯୋଜନାର ଦାୟିତ୍ୱ ବହନ କରିପାରିବେ ନାହିଁ।"

୭. ଏଭଳି ଉତ୍ତରରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦୀ ନଂ. ୧ (ବୋର୍ଡର କର୍ମଚାରୀଙ୍କ ସଂଘ) ଦ୍ୱାରା ତା ୦୪.୦୫.୨୦୧୦ ରିଖରେ ୨୦୧୦ ମସିହାର ଡବ୍ଲ୍ୟୁ. ପି. (ସି) ନଂ. ୮୪୩୮ ରିଟ୍ ପିଟିସନ , ଯେଉଁଥିରୁ ଏହି ଆବେଦନ ଆଗତ ହୋଇଛି , ନିମ୍ନ ପ୍ରଦତ୍ତ ପ୍ରାର୍ଥନା ସହ ଦାଖଲ କରାଯାଇଥିଲା –

"ଏହି ପରିପ୍ରେକ୍ଷୀରେ ମାନ୍ୟବର ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସଂଲଗ୍ନ ୧୭ ଅନୁସାରେ ତା ୧୪ .୧୨.୨୦୦୯ ରିଖରେ ଜାରି କରାଯାଇଥିବା ପତ୍ରକୁ ରଦ୍ଦ କରି ଆଦେଶନାମା କିମ୍ବା ଅନ୍ୟ କୌଣସି ଉପଯୁକ୍ତ ରିଟ୍ / ରିଟମାନ ଜାରି କରନ୍ତୁ ।

ପୁନଶ୍ଚ ପ୍ରତିବାଦୀ ନଂ ୧ ଏବଂ ୨ କୁ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧିନିୟମ , ୧୯୫୫ ର ନିୟମ ୩୬ (୧) ଅଧୀନରେ ତୁରନ୍ତ ପୂର୍ବ ମଞ୍ଜୁରି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ତା ୧୦.୦୨.୨୦୦୯ ରିଖର ସଂକଳ୍ପ ଅନୁସାରେ ପ୍ରତିବାଦୀ ନଂ ୨ ପେନସନ ଯୋଜନା ଲାଗୁ କରି ଶିଳ୍ପ ବୋର୍ଡର ଉକ୍ତ ଅଧିନିୟମର ନିୟମ ୩୬ (୨) ଅଧୀନରେ ନିୟମାବଳୀ ପ୍ରଣୟନ କରନ୍ତୁ ।

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର କର୍ମଚାରୀମାନଙ୍କୁ ସେମାନଙ୍କ ଅବସର ଗ୍ରହଣ ତାରିଖରୁ ପେନସନ ପ୍ରଦାନ କରିବା ଲାଗି ପ୍ରତିବାଦୀ ପକ୍ଷଗୁଡ଼ିକୁ ନିର୍ଦ୍ଦେଶ ଦେବା ଲାଗି ବାଧିତ ହୁଅନ୍ତୁ ।

ଅଥବା ମାନ୍ୟବର ନ୍ୟାୟାଳୟ ଯେପରି ଉଚିତ ମନେ କରିବେ ସେହିପରି ଯଥୋଚିତ ନିର୍ଦ୍ଦେଶ ଏବଂ ଆଦେଶ ଜାରି କରିବେ।"

୭.୧ ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ଏକକ ବିଚାରପତି ମହୋଦୟ ରାଜ୍ୟ ସରକାରଙ୍କୁ ୧୯୬୦ ର ନିୟମାବଳୀକୁ ସଂଶୋଧନ କରିବାକୁ ଏବଂ ତା ୨୫ .୧୦.୨୦୧୦ ରିଖର ଆକ୍ଷେପିତ ଆଦେଶ ଜରିଆରେ ପ୍ରତିବାଦୀ ନଂ - ୧ ଦ୍ୱାରା ଦାଖଲ କରାଯାଇଥିବା ରିଟ ଆବେଦନର ଫୈସଲା କରି ବୋର୍ଡ କର୍ମଚାରୀମାନଙ୍କୁ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ସମତୁଲ୍ୟ ପେନସନ ଯୋଜନା ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ

ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ଏକକ ବିଚାରପତି ଉପରୋକ୍ତ କଥୋପକଥନର ସୂଚନାକୁ ଦୃଷ୍ଟିରେ ରଖି ମତ ଦେଇଥିଲେ ଯେ ରାଜ୍ୟ ସରକାର ବୋର୍ଡ କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବାକୁ ଇଚ୍ଛୁକ , କିନ୍ତୁ ଶେଷରେ ଏହି ପ୍ରସ୍ତାବକୁ କେବଳ ଏହି କାରଣରୁ ପ୍ରତ୍ୟାଖାନ କରିଛନ୍ତି ଯେ ସେ ବୋର୍ଡ କର୍ମଚାରୀମାନଙ୍କ ପାଇଁ ପେନସନ୍ ଯୋଜନାର ଦାୟିତ୍ୱ ବହନ କରିପାରିବେ ନାହିଁ । ମାନ୍ୟବର ଏକକ ବିଚାରପତି କହିଥିଲେ ଯେ ଯଦି ସମକକ୍ଷ କର୍ମଚାରୀମାନଙ୍କୁ ଏକ ସୁବିଧା ପ୍ରଦାନ କରାଯାଏ ତେବେ ଅନ୍ୟ କର୍ମଚାରୀମାନଙ୍କୁ ଏହାକୁ ବାରଣ କରାଯାଇପାରିବ ନାହିଁ ଏବଂ ଏହି ପରିପ୍ରେକ୍ଷୀରେ , କିଛି ବିଶ୍ୱବିଦ୍ୟାଳୟର ଏବଂ ସମାଜ କଲ୍ୟାଣ ପରାମର୍ଶଦାତା ବୋର୍ଡର କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନସନ ସୁବିଧା ଉପଲବ୍ଧିକୁ ବିଚାରକୁ ନେଇଥିଲେ ; ଏବଂ ଏହା ଦେଖିବାକୁ ପାଇଲେ ଯେ ଅର୍ଥାଭାବ ଆଢୁଆଳରେ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ଯୋଜନାଭୁକ୍ତ ନ କରାଯିବାଟା ନିତ୍ୟାନ୍ତ ପକ୍ଷପାତିତା ହେବ ଯେତେବେଳେ କି ସମାନ ସ୍ଥିତିରେ ଥିବା ଅନ୍ୟ ସଂସ୍ଥାଗୁଡ଼ିକରେ ଏହି ସୁବିଧାକୁ ଉପଭୋଗ କରାଯାଉଛି । ଫଳତଃ ଭାରତର ସମ୍ବିଧାନର ଅନୁଚ୍ଛେଦ ୧୪ ଏବଂ ୧୬ ର ଉଲ୍ଲଂଘନ ହେଉଛି । ମାନ୍ୟବର ଏକକ ବିଚାରପତି ମଧ୍ୟ ଦର୍ଶାଇଥିଲେ ଯେ ବୋର୍ଡ ରାଜ୍ୟ ସରକାରଙ୍କ ଏକ ଅଂଶବିଶେଷ , ଯେହେତୁ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମସ୍ତ ସେବା ସର୍ତ୍ତାବଳୀକୁ ଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବା ଲାଗି ବ୍ୟବସ୍ଥା ଲାଗୁ କରିବା ପ୍ରତିପକ୍ଷମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ । ଅନ୍ୟ ରାଜ୍ୟଗୁଡିକର ବିଭିନ୍ନ ଖଦି ଏବଂ ଗ୍ରାମ୍ୟୋଦ୍ୟୋଗ ବୋର୍ଡର କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନସନ ସୁବିଧା ସମ୍ବନ୍ଧରେ କର୍ମଚାରୀମାନଙ୍କ ତରଫରୁ ନିର୍ଭର କରାଯାଇଥିବା କେତେକ ନିର୍ଣ୍ଣୟ ଉଲ୍ଲେଖ କରାଯାଇଥିଲା ଏବଂ ମାନ୍ୟବର ଏକକ ବିଚାରପତି ସୁସଙ୍ଗତ ଭାବେ କହିଥିଲେ ଯେ ପେନସନ ଭଳି ସେବା ଲାଭରୁ କର୍ମଚାରୀମାନଙ୍କୁ ବଞ୍ଚିତ କରିବା ଲାଗି ଆର୍ଥିକ ସମସ୍ୟା କୌଣସି ମାନଦଣ୍ଡ କିମ୍ବା ଆଧାର ନୁହେଁ ବୋଲି ନ୍ୟାୟାଳୟମାନଙ୍କ ଦ୍ୱାରା ସ୍ଥିର କରାଯାଇଥିଲା । ଏହି ପର୍ଯ୍ୟବେକ୍ଷଣ ଏବଂ ବିଶ୍ଳେଷଣ ସହିତ , ମାନ୍ୟବର ଏକକ ବିଚାରପତି ତା ୧୪.୧୨.୨୦୦୯ ରିଖ ଯୋଗାଯୋଗକୁ ରଦ୍ଦ କଲେ ଓ ରାଜ୍ୟ ସରକାରଙ୍କୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଜାରି କରିଥିଲେ :–

> "୧୭. ତେଣୁ ସଂଲଗ୍ନ ୧୨ ଅନୁଯାୟୀ ତା ୧୪ .୧୨.୨୦୦୯ ରିଖରେ ଦିଆଯାଇଥିବା ଆଦେଶ ସ୍ଥାୟୀ ନୁହେଁ ଏବଂ ଏହାକୁ ଖାରଜ କରାଯାଉଛି । ଉପରୋକ୍ତ ଉପସ୍ଥାପନକୁ ଦୃଷ୍ଟିରେ ରଖି ମୋର ବିବେଚନାରେ ଏହି ମତ ଯେ ବୋର୍ଡର କର୍ମଚାରୀମାନେ ରାଜ୍ୟର ଅନ୍ୟ ସରକାରୀ କର୍ମଚାରୀ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସଂସ୍ଥାମାନଙ୍କ ଭଳି ପେନସନ ପାଇବା ପାଇଁ ହକଦାର ଏବଂ ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ନିୟମାବଳୀରେ ସଂଶୋଧନ କରି ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବା ଉଚିତ ।ଏଥିସହିତ ପ୍ରତିବାଦୀ ନଂ ୧ ଏବଂ ୨ ଙ୍କୁ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ସମତୁଲ୍ୟ ବୋର୍ଡ କର୍ମଚାରୀମାନଙ୍କୁ

ପେନସନ ଯୋଜନା ସୁବିଧା ଦେବା ପାଇଁ ଉଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉଛି । ଏହି ଆଦେଶ ଜାରି ହେବାର ତିନି ମାସ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକ୍ରିୟାଟି ଶେଷ କରାଯିବ ।"

୮. ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ବିରୋଧ କରି , ଆବେଦନକାରୀ ରାଜ୍ୟ ୨୦୧୧ ମସିହାର ଡବ୍ଲ୍ୟୁ. ଏ. ନଂ. ୨୬୮ ଅନ୍ତଃ-ନ୍ୟାୟାଳୟ ଅପିଲ କରିବାକୁ ପସନ୍ଦ କରିଥିଲେ , ଯାହାକି ଆକ୍ଷେପିତ ଆଦେଶ ତା ୨୦.୧୨.୨୦୧୨ ରିଖ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ କହିଥିଲେ ଯେ ମାନ୍ୟବର ଏକକ ବିଚାରପତିଙ୍କ ନିର୍ଦ୍ଦେଶ କେବଳ ଏକ ପରାମର୍ଶସ୍ୱରୂପ ଥିଲା ଏବଂ ଏହା ବୋର୍ଡର କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା ; ଏବଂ ରାଜ୍ୟ ସରକାର ଏହାକୁ ସମ୍ମାନ ଜଣାଇ ନିର୍ଦ୍ଦେଶମୂଳକ ନୀତିର ଅନୁଚ୍ଛେଦ ୪୧ ର ସର୍ତ୍ତାନୁଯାୟୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ବୋର୍ଡ ମାଧ୍ୟମରେ ରାଜ୍ୟର ସେବାରେ ନିୟୋଜିତ ହୋଇଥିବା ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ନିଜର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବେ। ତା ୨୦.୧୨.୨୦୧୨ ରିଖରେ ଦିଆଯାଇଥିବା ଆକ୍ଷେପିତ ଆଦେଶର ପ୍ରାସଙ୍ଗିକ ଅଂଶ ନିମ୍ନରେ ଉଲ୍ଲେଖ କରାଗଲା :

> "୧୦. ସମ୍ପୃକ୍ତ ପକ୍ଷମାନଙ୍କର ଶ୍ରୀମାନ ଓକିଲଙ୍କୁ ଶୁଣିବା ପରେ , ଆମେ ଏହି ପ୍ରସଙ୍ଗର ବିସ୍ତାର ଅନୁଧ୍ୟାନ କରିଛୁ । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଧିନିୟମ ୧୯୫୫ , ନିୟମ , ୧୯୫୬ ଏବଂ ନିୟମାବଳୀ , ୧୯୬୦ ରେ ଥିବା ବିଭିନ୍ନ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପରେ ଆଉ କୌଣସି ପ୍ରକାରେ ସନ୍ଦେହ ନାହିଁ ଯେ ବୋର୍ଡ ଉପରେ ପ୍ରକୃତ ନିୟନ୍ତ୍ରଣ , ପ୍ରାଧିକରଣ ସରକାରଙ୍କ ଉଦ୍ୟୋଗ ବିଭାଗର ରହିଛି , ଅର୍ଥାତ୍ ବୋର୍ଡ , ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନରେ ରହିଛି ଏବଂ ଏହାର ପ୍ରଶାସନ ଏବଂ ଅର୍ଥ ସମେତ ଏହାର କାର୍ଯ୍ୟପ୍ରକ୍ରିୟା ପରିଚାଳନା ଲାଗି ସରକାର ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ । ଏଥିରେ ଦ୍ୱିଧା ନାହିଁ ଯେ ବୋର୍ଡ ଏକ ବୈଧାନିକ ସଂସ୍ଥା ଏବଂ ଆରମ୍ଭରୁ ହିଁ ଏହାର ପରିଚାଳନା , ପ୍ରଶାସନ , ନିଯୁକ୍ତି , ନିୟମ ପ୍ରଣୟନ , ଏହାର କାର୍ଯ୍ୟପ୍ରକ୍ରିୟା ଚଳେଇବା , ନୀତି ନିର୍ଦ୍ଧାରଣ ଆଦି କିନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହାଛଡା ଏଠାରେ ସମ୍ପୃକ୍ତ ବୋର୍ଡର କର୍ମଚାରୀମାନେ ରାଜ୍ୟ ସରକାରୀ କର୍ମଚାରୀଙ୍କ ଉପରେ ଲାଗୁ ହେଉଥିବା ନିୟମ ଦ୍ୱାରା ପରିଚାଳିତ ଏବଂ ନିୟନ୍ତ୍ରିତ ହେଉଛନ୍ତି । ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଥିବା ଓଡ଼ିଶା ସେବା ସଂହିତାର ବ୍ୟବସ୍ଥା ମଧ୍ୟ ବୋର୍ଡର କର୍ମଚାରୀମାନଙ୍କ ଉପରେ ଲାଗୁ ହେଉଛି । ଭ୍ରମଣ ଭତ୍ତା ନିୟମ ଏବଂ ଓଡ଼ିଶା ଛୁଟି ନିୟମ ମଧ୍ୟ ବୋର୍ଡର କର୍ମଚାରୀଙ୍କ ପାଇଁ ଲାଗୁ ହେଉଛି । ୧୯୫୫ ର ଅଧିନିୟମ ଧାରା ୧୭ ରେ ବୋର୍ଡର କାର୍ଯ୍ୟର ସଂଜ୍ଞା ସ୍ପଷ୍ଟ ଭାବେ ପ୍ରଦାନ କରାଯାଇଛି । ଏଭଳି କାର୍ଯ୍ୟ ସମ୍ପାଦନ କରିବା ଲାଗି ରାଜ୍ୟ ସରକାରଙ୍କ ମଞ୍ଜୁରି ନେଇ ବୋର୍ଡ ଦ୍ୱାରା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ଏବଂ ସେଥିପାଇଁ ବୋର୍ଡ ଉପରେ ରାଜ୍ୟ ସରକାରଙ୍କ ବ୍ୟାପକ ନିୟନ୍ତ୍ରଣ ରହିଛି ଏବଂ ଅଧିନିୟମ ୧୯୫୫ ର ଧାରା ୩୫ ଅଧୀନରେ ନିୟମ ଗଢିବାର କ୍ଷମତା ରହିଛି । ଏହା ସତ୍ୟ ଯେ , ୧୯୬୦ ନିୟମାବଳୀର ନିୟମ ୫୨ ରେ ବ୍ୟବସ୍ଥା ରହିଛି ଯେ ବୋର୍ଡର କର୍ମଚାରୀମାନେ ପେନସନ ଲାଭ ପାଇବା ପାଇଁ ହକଦାର ନୁହନ୍ତି , କିନ୍ତୁ ଏପରି ପ୍ରତିବନ୍ଧକକୁ ଦୂର କରିବା ଲାଗି ନିୟମ ୫୨ ରେ ସଂଶୋଧନ କରିବା ଲାଗି ବୋର୍ଡ ସରକାରଙ୍କୁ ସୁପାରିଶ କରିଛି ଏବଂ ଏହି ଅଦାଲତ ୧୯୯୮ ର ଓ ଜେ ସି ନମ୍ବର ୧୫୩୪୪ ଏବଂ ୨୦୦୭ ର ଡବ୍ଲ୍ୟୁ ପି (ସି) ନମ୍ବର ୧୪୭୨୯ ରେ ବୋର୍ଡର କର୍ମଚାରୀମାନଙ୍କ ପେନସନ ଦାବି ଉପରେ ବିଚାର କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବୋର୍ଡର କର୍ମଚାରୀମାନଙ୍କୁ

ପେନସନ ପ୍ରଦାନ କରିବାର ଅତିରିକ୍ତ ବୋଝ ରାଜ୍ୟ ସରକାର ଉଠାଇ ପାରିବେ ନାହିଁ ବୋଲି ଦର୍ଶାଇ ରାଜ୍ୟ ସରକାର ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କଲେ ନାହିଁ । ଏକଥା ସ୍ୱୀକାରଯୋଗ୍ୟ ଯେ , ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ଲାଗୁ ଥିବା ଚାକିରୀର ସମସ୍ତ ସର୍ତ୍ତାବଳୀ ବୋର୍ଡ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ହୋଇଥିବାବେଳେ ଏପରି କର୍ମଚାରୀମାନଙ୍କ ପାଇଁ ପେନସନ ଯୋଜନାକୁ ମନା କରିବା ଦ୍ୱାରା ପାତର ଅନ୍ତର ସୃଷ୍ଟି ହେବା ସହ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୧୬ ର ଉଲ୍ଲଙ୍ଘନ ହେଉଛି । ମାନ୍ୟବର ଏକକ ବିଚାରପତି ଆକ୍ଷେପିତ ରାୟରେ ବିସ୍ତୃତ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଉପରେ ବିଚାର କରିଛନ୍ତି । ଆମ୍ଭ ଦୃଷ୍ଟିଗୋଚର ହୋଇଥିଲା ଯେ ବୋର୍ଡ ତାହାର ନିୟନ୍ତ୍ରଣ କର୍ତ୍ତୃପକ୍ଷ ଶିଳ୍ପ ବିଭାଗ ଜରିଆରେ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବା ପାଇଁ ଅନେକ ଥର ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ , କିନ୍ତୁ ରାଜ୍ୟ ସରକାର ଏହାକୁ ଏହି ଆଧାରରେ ଅନୁଗ୍ରହ କଲେ ନାହିଁ ଯେ ସେ ଅତିରିକ୍ତ ଆର୍ଥିକ ବୋଝ ବହନ କରିପାରିବେ ନାହିଁ । ଆମ୍ଭ ମତରେ , ବୋର୍ଡର କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରିବା ସମ୍ବନ୍ଧରେ ମାନ୍ୟବର ଏକକ ବିଚାରପତି ଦେଇଥିବା ମତ ସମ୍ପୂର୍ଣ୍ଣ ଭାବେ ଯୁକ୍ତିଯୁକ୍ତ ଏବଂ ଏଥିରେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ , କାରଣ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଯଥୋଚିତ ନିର୍ଭର କରିଥିବା ଗୁଜରାଟ ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୂର୍ବୋକ୍ତ ମାମଲାରେ ସ୍ଥିରୀକୃତ ନିଷ୍ପତ୍ତିକୁ ଏହା ଅନୁରୂପ ଭାବେ ପାଳନ କରୁଛି । ସମସ୍ତ ବ୍ୟବହାରିକ ଉଦ୍ଦେଶ୍ୟ ପାଇଁ , ବୋର୍ଡ ରାଜ୍ୟର ଏକ ସାଧନ ଏବଂ ସେଥିପାଇଁ ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୨ରେ ଅନ୍ତର୍ଭୁକ୍ତ ଏବଂ ନିଃସନ୍ଦେହରେ ଏହା ଏହି ନ୍ୟାୟାଳୟର ରିଟ ନ୍ୟାୟାଧୀକାରିତା କ୍ଷେତ୍ରର ବଶବର୍ତ୍ତୀ ଅଟେ । ସମ୍ବିଧାନର ଅନୁଚ୍ଛେଦ ୨୨୬ ଅଧୀନରେ ରହିଥିବା ଆମର ସୀମାକୁ ଆମେ ଭଲରୂପେ ଜାଣିଛୁ । ରାଜ୍ୟର ସରକାରୀ କର୍ମଚାରୀଙ୍କ ଭଳି ପେନସନ ଯୋଜନାକୁ ବୋର୍ଡର କର୍ମଚାରୀମାନଙ୍କ ପାଇଁ ସାମିଲ କରିବା ଲାଗି ଉପଯୁକ୍ତ ପଦକ୍ଷେପ ନେବା ଲାଗି ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପ୍ରତିବାଦୀ ନଂ ୧ ଓ ୨ କୁ ଦିଆଯାଇଥିବା ନିର୍ଦ୍ଦେଶ କେବଳ ମାତ୍ର ଏକ ପରାମର୍ଶସ୍ୱରୂପ ଏବଂ ତାହା ବୋର୍ଡର କର୍ମଚାରୀଙ୍କ କଲ୍ୟାଣାର୍ଥେ ଉଦ୍ଦିଷ୍ଟ ଥିଲା । ରାଜ୍ୟ ନିର୍ଦ୍ଦେଶାବଳୀ ନୀତିର ଅନୁଚ୍ଛେଦ ୪୧ ଅଧିନରେ ଅଧ୍ୟାଦେଶ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ବୋର୍ଡ ମାଧ୍ୟମରେ ରାଜ୍ୟକୁ ସେବାପ୍ରଦାନ କରିଥିବା ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ରାଜ୍ୟ ସରକାର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରି ଏଭଳି ପରାମର୍ଶମୂଳକ ମନ୍ତବ୍ୟକୁ ସମ୍ମାନ ଜଣାଇବେ , କାରଣ ଭାରତର ସମ୍ବିଧାନ ଅଧୀନରେ ଉତ୍ତମ ପ୍ରଜାତନ୍ତ୍ର / ଲୋକଶାସନ ନିମନ୍ତେ , ରାଜ୍ୟ ବୋର୍ଡ ଏବଂ ଅନ୍ୟ ବୈଧାନିକ ନିଗମ ଭଳି ସାଧନ ମାଧ୍ୟମରେ ତା'ର କ୍ଷମତା ଓ କାର୍ଯ୍ୟକୁ ବିକେନ୍ଦ୍ରିତ କରିଛି ।

୧୧. ପରିଣାମସ୍ୱରୂପ , ତଥ୍ୟମୂଳକ ମୂଲ୍ୟାଙ୍କନ ଏବଂ ଆଇନଗତ ରୂପରେଖ ଏବଂ ଆମ ସମ୍ମୁଖରେ ରଖାଯାଇଥିବା ପ୍ରସ୍ତାବର ଚିକିନିଖି ବିଶ୍ଳେଷଣ କରିବା ପରେ , ଆମ୍ଭେ ଏହି ରିଟ୍ ଆବେଦନରେ କୌଣସି ଉତ୍କର୍ଷତା ଦେଖିବାକୁ ପାଉନାହୁଁ ଏବଂ ମାନ୍ୟବର ଏକକ ବିଚାରପତିଙ୍କ ଆକ୍ଷେପିତ ଆଦେଶରେ କୌଣସି ପ୍ରକାର ହସ୍ତକ୍ଷେପର ଆବଶ୍ୟକତା ନାହିଁ ।

ତଦନୁସାରେ , ରିଟ୍ ଅପିଲକୁ ବରଖାସ୍ତ କରାଯାଉଛି ।"

୯. ଆବେଦନକାରୀ ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟର ଏତାଦୃଶ୍ୟ ଆଦେଶରେ ବ୍ୟଥିତ ହୋଇଛି । ଆଗକୁ ଯିବା ପୂର୍ବରୁ ,ଏହା ଦୃଷ୍ଟିରେ ରହୁ ଯେ ଏହି ମାମଲାରେ ଅପିଲ ପାଇଁ ଅନୁମତି ମାଗିଥିବା ଆବେଦନକୁ ଗ୍ରହଣ କରିବା ସମୟରେ , ତା ୧୧ .୦୪ .୨୦୧୪ ରିଖରେ , ଏହି ନ୍ୟାୟାଳୟ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆକ୍ଷେପିତ ରାୟ ଏବଂ ଆଦେଶ କାର୍ଯ୍ୟକୁ ସ୍ଥଗିତ ରଖିଥିଲେ ଏବଂ ତା ୦୭ .୦୯ .୨୦୧୫ ରିଖରେ ,

ଆବେଦନକୁ ଅନୁମତି ପ୍ରଦାନ କରିବା ସମୟରେ ତା ୧୧ .୦୪ .୨୦୧୪ ରିଖର ମଧ୍ୟକାଳୀନ ଆଦେଶ ଜାରି ରହିଥିଲା । ଏବେ ସୁଦ୍ଧା ଏହି ସ୍ଥିତି ଜାରି ରହିଛି ।

୧୦. ସେଠାରେ ଜାରି ହୋଇଥିବା ଆକ୍ଷେପିତ ଆଦେଶମାନ ଏବଂ ନିର୍ଦ୍ଦେଶ ଉପରେ ପ୍ରଶ୍ନ ଉଠାଇ ୧୯୫୫ ଅଧିନିୟମ ଏବଂ ୧୯୬୦ ନିୟମାବଳୀର ବ୍ୟବସ୍ଥା ତଥା ଯୋଗାଯୋଗ ବିନିମୟର ସବିଶେଷ ପ୍ରସଙ୍ଗ ଉପସ୍ଥାପନ କରିବା ପରେ ଆବେଦନକାରୀ ରାଜ୍ୟର ଶ୍ରୀମାନ ଓକିଲ ଦର୍ଶାଇଛନ୍ତି ଯେ ଏହି ଆକ୍ଷେପିତ ଆଦେଶ ଆଇନତଃ ଧାରଣକ୍ଷମ ନୁହେଁ ଏବଂ ଏହାକୁ ରଦ୍ଦ କରାଯିବା ଉଚିତ ।

୧୦.୧ ଆବେଦନକାରୀଙ୍କ ଶ୍ରୀମାନ ଓକିଲ ଯୁକ୍ତି ବାଢିଛନ୍ତି ଯେ ୧୯୬୦ ର ନିୟମାବଳୀର ନିୟମ ୫୨ ର ବିରୋଧ କରି କୌଣସି ନିର୍ଦ୍ଦେଶ ଜାରି କରାଯାଇପାରିନଥାନ୍ତା , ବିଶେଷ କରି ଯେତେବେଳେ କି ଉକ୍ତ ନିୟମ ୫୨ ଉଚ୍ଚ ନ୍ୟାୟାଳୟରେ ଆପତ୍ତିର ବିଷୟ ନଥିଲା କିମ୍ବା କୌଣସି କାର୍ଯ୍ୟପଦ୍ଧତିରେ ଅବୈଧ ଘୋଷିତ ହୋଇନଥିଲା । ଶ୍ରୀମାନ ଓକିଲ ଆହୁରି ମଧ୍ୟ ଉପସ୍ଥାପନ କରିଛନ୍ତି ଯେ ନିୟମ ୫୨ ଏବଂ ୧୯୬୦ ର ନିୟମାବଳୀରେ ଥିବା ଅନ୍ୟ ବ୍ୟବସ୍ଥା ସହିତ ନିୟମ ୫୩ ରୁ ୫୬ ମଧ୍ୟରେ ଥିବା ବ୍ୟବସ୍ଥା ଉପରେ ସୁଚିନ୍ତିତ ବିଚାରବିମର୍ଶ ନ କରି ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଅନୁମୋଦିତ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ , ସମ୍ପୂର୍ଣ୍ଣ ଭାବେ ଅନୁଚିତ ଅଟେ ଏବଂ ଏହା ଅନୁମୋଦିତ ହୋଇପାରିବ ନାହିଁ ।

୧୦.୨ ଶ୍ରୀମାନ ଓକିଲ ଉପସ୍ଥାପନ କଲେ , ନିୟମାବଳୀରେ ଥିବା ନିୟମ ତଥା ସେମାନଙ୍କ ସେବା ସର୍ତ୍ତାବଳୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥାଇ ବୋର୍ଡରେ ଯୋଗ ଦେଇଥିବା କିଛି କର୍ମଚାରୀଙ୍କ ଅନୁରୋଧ କ୍ରମେ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ଏକ କଥୋପକଥନ ଆଧାରରେ କରାଯାଇଥିବା ପ୍ରାର୍ଥନାକୁ ସମର୍ଥନ କରାଯାଇପାରିବ ନାହିଁ । ଶ୍ରୀମାନ ଓକିଲ ଦର୍ଶାଇଛନ୍ତି ଯେ ଏପରିକି ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସଂକଳ୍ପ ଏବଂ ଯୋଗାଯୋଗର ବିନିମୟ ଉପରେ ନିର୍ଭର କରିବାବେଳେ , ଏହା ବିଚାର କରିବାକୁ ମାନ୍ୟବର ଏକକ ବିଚାରପତି ବିଫଳ ହୋଇଛନ୍ତି ଯେ ବୋର୍ଡର ପ୍ରସ୍ତାବକୁ ରାଜ୍ୟ କେବେ ମଧ୍ୟ ଗ୍ରହଣ କରିନାହିଁ ; ଏବଂ ଉକ୍ତ ନିୟମ ୫୨ ରେ ସଂଶୋଧନ କରିବା ସମୟରେ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ବିଭିନ୍ନ ସ୍ତରରେ କେତେକ ସରକାରୀ ଅଧିକାରୀଙ୍କ କିଛି ପରାମର୍ଶର ସହାୟତା ନିଆଯାଇ ପାରିନଥାନ୍ତା । ଶ୍ରୀମାନ ଓକିଲ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଯଦିଓ ସଚେତନ ଭାବେ ନିୟମ ୫୨ ର ସର୍ତ୍ତାବଳୀ ଉପରେ ଧ୍ୟାନ ଦେଇଥିଲେ ଏବଂ କହିଥିଲେ ଯେ ମାନ୍ୟବର ଏକକ ବିଚାରପତିଙ୍କ ଆଦେଶ କେବଳ ପରାମର୍ଶ ରୂପରେ ଥିଲା , କିନ୍ତୁ ପରେ ଆଗକୁ ଆହୁରି ମତପ୍ରଦାନ କଲେ , ଯାହାକି ରାଜ୍ୟ ସରକାରଙ୍କୁ ନିୟମରେ ସଂଶୋଧନ ନିମନ୍ତେ

ଆଦେଶନାମା ଜାରି କରିବା ସଦୃଶ ଥିଲା । ଶ୍ରୀମାନ ଓକିଲଙ୍କ ମତରେ , ଏହି ନିର୍ଦ୍ଦେଶଗୁଡ଼ିକ ନୀତିଗତ ନିଷ୍ପତ୍ତି ଏବଂ ଆଇନ ପ୍ରଣୟନ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରୁଛି ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ଜାରି କରିବା ନ୍ୟାୟୋଚିତ ହୋଇନାହିଁ ।

୧୦.୩ ଶ୍ରୀମାନ ଓକିଲ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ମାନ୍ୟବର ଏକକ ବିଚାରପତି ରାଜ୍ୟ ସାମାଜିକ ପରାମର୍ଶଦାତା ବୋର୍ଡର କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନସନ କଥା ଉଲ୍ଲେଖ କରିଛନ୍ତି , କିନ୍ତୁ ସେଥିରୁ ୫୦ ପ୍ରତିଶତ ଖର୍ଚ୍ଚ ଭାରତ ସରକାରଙ୍କ ଦ୍ୱାରା ବହନ କରାଯାଉଥିଲା ବୋଲି ଦୃଷ୍ଟିକୁ ନେଇନାହାଁନ୍ତି । ପୁନଶ୍ଚ , ବିଶ୍ୱବିଦ୍ୟାଳୟର କର୍ମଚାରୀ ଏବଂ ବୋର୍ଡର କର୍ମଚାରୀମାନେ ସମଜାତୀୟ ଶ୍ରେଣୀ ଗଠନ କରନ୍ତି ନାହିଁ ଏବଂ ସେମାନଙ୍କୁ ସମାନ ଭାବେ ବିବେଚନା କରାଯାଇପାରିବ ନାହିଁ , ବିଶେଷ କରି ଯେତେବେଳେ କି ୧୯୬୦ ର ନିୟମାବଳୀ ବହନ କରୁଥିବା ବୈଧାନିକ ଶକ୍ତି ଏବଂ ସେଥିରେ ଥିବା ନିୟମ ୫୨ ର ବ୍ୟବସ୍ଥାକୁ ଅଣଦେଖା କରାଯାଇପାରିବ ନାହିଁ ।

୧୦.୪ ଆବେଦନକାରୀଙ୍କ ଶ୍ରୀମାନ ଓକିଲ ମଧ୍ୟ ଏହା ଉପସ୍ଥାପନ କରିଛନ୍ତି ଯେ ବିଭିନ୍ନ ରାଜ୍ୟମାନଙ୍କର ବୋର୍ଡଗୁଡିକ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ କୌଣସି ଉଲ୍ଲେଖ ଅନୁପଯୁକ୍ତ ଅଟେ କାରଣ ଅନ୍ୟ କୌଣସି ରାଜ୍ୟର କୌଣସି ନିର୍ଦ୍ଧାରିତ ବ୍ୟବସ୍ଥା ଆବେଦନକାରୀ ରାଜ୍ୟ ଉପରେ ତଥ୍ୟତଃ ଥୋପି ଦିଆଯାଇପାରିବ ନାହିଁ । ରିଟ୍ ଆବେଦନକାରୀମାନଙ୍କ ପରାମର୍ଶର ବିପରୀତରେ , ଦେଶର ଏପରି ଅନେକ ରାଜ୍ୟର ବୋର୍ଡଗୁଡିକ ଅଛନ୍ତି , ଯେଉଁମାନେ ସେମାନଙ୍କ କର୍ମଚାରୀଙ୍କୁ ପେନସନ ସୁବିଧା ପ୍ରଦାନ କରିନାହାନ୍ତି ।

୧୦.୫ ଏହା ମଧ୍ୟ ଦାଖଲ କରାଯାଇଛି ଯେ ବୋର୍ଡର ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କ ସି ପି ଏଫ / ଇ ପି ଏଫ ଆକାଉଣ୍ଟରୁ ଟଙ୍କା ଉଠାଇବା ପରେ ପେନସନ ପାଇଁ କରାଯାଇଥିବା ରିଟ ପିଟିସନ ବରଖାସ୍ତ ହେବା ଯୋଗ୍ୟ , ଏବଂ ତେଣୁ ଆକ୍ଷେପିତ ଆଦେଶଗୁଡ଼ିକୁ ରଦ୍ଦ କରାଯିବା ଉଚିତ ।

୧୧. ଅପରପକ୍ଷରେ ପ୍ରତିବାଦୀ ନଂ - ୧ ର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଆଦେଶକୁ ସମର୍ଥନ କରିଛନ୍ତି ଏବଂ ବିଭିନ୍ନ ପ୍ରକାର ପ୍ରସ୍ତାବ ଦେଇଛନ୍ତି ଯାହାର ସାରାଂଶ ନିମ୍ନରେ ଦିଆଗଲା :

୧୧.୧ ଶ୍ରୀମାନ ବରିଷ୍ଠ ଅଧିବକ୍ତା ୧୯୫୫ ଅଧିନିୟମରେ ଥିବା ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ପ୍ରତିବାଦୀ ନଂ. ୨ ଏକ ବୈଧାନିକ ବୋର୍ଡ ଯାହାର ବଜେଟ ନିୟନ୍ତ୍ରଣ ସହିତ ଏହାର ପ୍ରତ୍ୟେକ ବ୍ୟାପାର ଉପରେ ରାଜ୍ୟ ସରକାର ପୂର୍ଣ୍ଣ ନିୟନ୍ତ୍ରଣ ରଖିଥାନ୍ତି ଏବଂ ଧାରା ୩୬ ଅଧୀନସ୍ଥ କ୍ଷମତା ଆଧାରରେ ୧୯୬୦ ର ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା । ନିୟମ ୪୦ ର ସର୍ତ୍ତାବଳୀ ଅନୁଯାୟୀ , ବୋର୍ଡର

କର୍ମଚାରୀମାନଙ୍କ ପାଇଁ ଓଡ଼ିଶା ସେବା ସଂହିତା (ସର୍ଭିସ କୋଡ୍) , ଖଣ୍ଡ (ଭଲ୍ୟୁମ) -୧ ର ନିୟମ ଆବଶ୍ୟକ ପରିବର୍ତ୍ତନ ପ୍ରୟୋଗ କରୁଛି , ଯାହାର ଅର୍ଥ ବୋର୍ଡର କର୍ମଚାରୀମାନଙ୍କୁ ରାଜ୍ୟ ସରକାରଙ୍କ ଅନ୍ୟ କର୍ମଚାରୀଙ୍କ ଭଳି ଅନୁରୂପ ବ୍ୟବହାର କରିବାକୁ ବୁଝାଉଛି , କିନ୍ତୁ ନିୟମ ୫୨ ଯେଉଁଥିରେ ଆନୁତୋଷିକ (ଗ୍ରାଚ୍ୟୁଇଟି) ଏବଂ ଅଂଶଦାୟୀ ଭବିଷ୍ୟନିଧି (ସି ପି ଏଫ ) ପ୍ରଦାନ ବ୍ୟବସ୍ଥା ରହିଛି , କିନ୍ତୁ ଅନ୍ୟାୟ ଭାବେ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧାଲାଭ ଦେବାକୁ ବାରଣ କରୁଛି ।

୧୧.୨ ପ୍ରତିବାଦୀ ନଂ - ୧ ର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଉପରୋକ୍ତ ଯୋଗାଯୋଗ ବିନିମୟ ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ ପ୍ରଦତ୍ତ ପରିସ୍ଥିତିରେ ଏବଂ ବାରମ୍ବାର ଦିଆଯାଉଥିବା ନିବେଦନ ପତ୍ରକୁ ଦୃଷ୍ଟିରେ ରଖି ବୋର୍ଡ , ଏହାର କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ଲାଗି ଆନ୍ତରିକତା ସହ ଉଦ୍ୟମ କରିଥିଲା ଏବଂ ଧାରା ୩୬ ଅଧିନସ୍ଥ କ୍ଷମତା ଦୃଷ୍ଟିରୁ ଉପଯୁକ୍ତ ସଂଶୋଧନ ଆଣିବା ଲାଗି ସରକାରଙ୍କୁ ଅନୁରୋଧ କରିଥିଲା , ଯାହାଫଳରେ କି ନିୟମ ୫୨ ରେ ସଂଶୋଧନ କରାଯାଇ ପେନସନକୁ ସାମିଲ କରାଯାଇପାରିବ , ବିଶେଷ କରି ଯେତେବେଳେ କି ନିୟମ ୪୦ ବୋର୍ଡ କର୍ମଚାରୀମାନଙ୍କୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ସହ ସମାନ କରିଥିଲା । ବରିଷ୍ଠ ଅଧିବକ୍ତା ମହୋଦୟ ଦୃଢ଼ତାର ସହ ଯୁକ୍ତି ବାଢ଼ିଛନ୍ତି ଯେ ରାଜ୍ୟ ସରକାର ତା ୨୬.୧୦.୧୯୯୪ ରିଖର ପତ୍ର ମାଧ୍ୟମରେ ପେନସନ୍ ସୁବିଧା ପ୍ରଦାନ କରିବା ପାଇଁ ସିଦ୍ଧାନ୍ତମୂଳକ ଭାବେ ସହମତ ହୋଇଥିଲେ ମଧ୍ୟ ବୋର୍ଡର କର୍ମଚାରୀମାନଙ୍କୁ ଏପରି ପେନସନ୍ ସୁବିଧା ନ ଦେବା କାରଣ ଆର୍ଥିକ କଟକଣା ବୋଲି ଉଲ୍ଲେଖ କରିଥିଲେ ଯାହାକୁ ସମର୍ଥନ କରାଯାଇ ପାରିବନାହିଁ । ଶ୍ରୀମାନ ବରିଷ୍ଠ ଓକିଲଙ୍କ ଅନୁଯାୟୀ , ବିରୋଧାତ୍ମକ ପାତର ଅନ୍ତର ଏବଂ ଆବେଦନପତ୍ର ଉପରେ ବିଚାର ନ କରିଥିବା ଆଧାରରେ କର୍ମଚାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ ପିଟିସନକୁ ମାନ୍ୟବର ଏକକ ବିଚାରପତି ଯଥାର୍ଥ ବିଚାର ଦ୍ୱାରା ରାଜ୍ୟ ସରକାରଙ୍କୁ ନିୟମରେ ସଂଶୋଧନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ , ଯାହାଫଳରେ କି ବୋର୍ଡର କର୍ମଚାରୀମାନଙ୍କୁ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ଭଳି ପେନସନ ଲାଭ ମିଳିପାରିବ । ଏହା ବ୍ୟତୀତ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ମାନ୍ୟବର ଏକକ ବିଚାରପତିଙ୍କ ଉପସଂହାର ନିଷ୍ପତ୍ତିକୁ ପ୍ରତିଜ୍ଞାନ କରି ସଠିକ୍ ଭାବେ କହିଥିଲେ ଯେ ରାଜ୍ୟ ସରକାର , ରାଜ୍ୟ ନିର୍ଦ୍ଦେଶାବଳୀ ନୀତିର ଅନୁଚ୍ଛେଦ ୪୧ କୁ ଅନୁସରଣପୂର୍ବକ ବୋର୍ଡର କର୍ମଚାରୀମାନଙ୍କ ପାଇଁ ପେନସନ ଯୋଜନାକୁ ସାମିଲ କରି ମାନ୍ୟବର ଏକକ ବିଚାରପତିଙ୍କ ପରାମର୍ଶକୁ ସମ୍ମାନ କରିବା ଉଚିତ ।

୧୧.୩ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଦୃଢ଼ତାର ସହ ଯୁକ୍ତି ବାଢ଼ିଛନ୍ତି ଯେ ଅର୍ଥ ଅଭାବ ଆଳ କର୍ମଚାରୀମାନଙ୍କୁ ପେନସନ ସୁବିଧା ନଦେବା ପାଇଁ ଏକ କାରଣ ହୋଇପାରିବ ନାହିଁ ବୋଲି ଏହି ନ୍ୟାୟାଳୟର କେତେକ ନିଷ୍ପତ୍ତିରେ , **ହରିୟାଣା**

**ରାଜ୍ୟ କ୍ଷୁଦ୍ର ଜଳସେଚନ ଟ୍ୟୁବୱେଲ୍ସ କର୍ପୋରେସନ ଏବଂ ଅନ୍ୟମାନେ  ବନାମ ଜି. ଏସ. ଉତ୍ତଲ ଏବଂ ଅନ୍ୟମାନେ , (୨୦୦୮ ) ୭  ଏସ ସି ସି ୩୭୫** ମାମଲାରେ ଦିଆଯାଇଥିବା ନିଷ୍ପତ୍ତି ସହିତେ , ଯେଉଁଠାରେ କି , ପାରା ୩୩ ଏବଂ ୩୪ ରେ , ଏହି ନ୍ୟାୟାଳୟ କହିଥିଲେ ଯେ ନିଗମ  (କର୍ପୋରେସନ) ଉପରେ ଆର୍ଥିକ ବୋଝ ପଡୁଥିବା କାରଣରୁ କର୍ମଚାରୀଙ୍କ ବେତନହାରରେ ସଂଶୋଧନ କରିବାରେ ଅସମର୍ଥ ହେଉଥିବା ଦର୍ଶାଇ  ଦାଖଲ ହୋଇଥିବା   ନିଗମ (କର୍ପୋରେସନ)  ର ଆବେଦନକୁ ଖାରଜ କରି ଉଚ୍ଚ ନ୍ୟାୟାଳୟ ଠିକ୍ କରିଥିଲେ। ଶ୍ରୀମାନ ଓକିଲ ମଧ୍ୟ **ପଞ୍ଜାବ ରାଜ୍ୟ ସମବାୟ କୃଷି ବିକାଶ ବ୍ୟାଙ୍କ ଲିମିଟେଡ ବନାମ ରେଜିଷ୍ଟ୍ରାର, ସମବାୟ ସମିତି ଏବଂ ଅନ୍ୟମାନେ   (୨୦୨୨) ୪ ଏସ ସି ସି ୩୬୩** ମାମଲାରେ ଦିଆଯାଇଥିବା ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ଆହୁରି ଦର୍ଶାଯାଇଛି ଯେ  ରାଜ୍ୟର ଅନ୍ୟ ବିଭାଗଗୁଡ଼ିକୁ , ଯେଉଁଠାରେ କ୍ୟାଡର ସଂଖ୍ୟା ଯଥେଷ୍ଟ ଅଧିକ ରହିଛି , ପେନସନ୍ ସୁବିଧା ପ୍ରଦାନ କରାଯାଇଛି ବୋଲି  ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିଗୋଚର ହୋଇଛି ଏବଂ ସେଥିପାଇଁ ଅର୍ଥାଭାବ ସମ୍ପର୍କରେ କୌଣସି ତର୍କ ରାଜ୍ୟ ସରକାରଙ୍କ ଭିତ୍ତିହୀନ  ତର୍କ ବ୍ୟତୀତ ଆଉ କିଛି ନୁହେଁ ।

୧୧.୪  ପ୍ରତିବାଦୀ ନଂ-୧ ତରଫର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଆହୁରି ତର୍କ କରିଛନ୍ତି ଯେ  , ଏହି ନ୍ୟାୟାଳୟର **ଡି.ଏସ୍. ନାକାରା ଏବଂ ଅନ୍ୟମାନେ ବନାମ ୟୁନିୟନ ଅଫ ଇଣ୍ଡିଆ (୧୯୮୩) ୧ ଏସସିସି ୩୦୫ ଏବଂ ଝାଡ଼ଖଣ୍ଡ ରାଜ୍ୟ ଏବଂ ଅନ୍ୟମାନେ ବନାମ ଜିତେନ୍ଦ୍ର କୁମାର ଶ୍ରୀବାସ୍ତବ ଏବଂ ଅନ୍ୟଜଣେ : (୨୦୧୩) ୧୨ ଏସ ସି ସି ୨୧୦** , ମାମଲାରେ ଦିଆଯାଇଥିବା ନିଷ୍ପତ୍ତିକୁ ଉଲ୍ଲେଖ କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ , ପେନସନ କୌଣସି ଦାନଶୀଳତା କିମ୍ବା  ଅନୁଗ୍ରହର ବିଷୟ ନୁହେଁ , ବରଂ ଏହା ଏକ ଦାବିଯୋଗ୍ୟ ଅଧିକାର ଅଟେ । ତେଣୁ ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଅନ୍ୟାନ୍ୟ ଆଭିମୁଖ୍ୟରେ ସରକାରୀ କର୍ମଚାରୀମାନଙ୍କ ସମତୁଲ୍ୟ ବ୍ୟବହାର କରାଯାଇଛି , ସେମାନଙ୍କୁ ପେନସନ ସୁବିଧା ପ୍ରଦାନ ନ କରିବା ଲାଗି ଆର୍ଥିକ ପ୍ରତିବନ୍ଧକ ଭଳି ଦେଖାଯାଇଥିବା ଦୁର୍ବଳ କାରଣକୁ ଯଥେଷ୍ଟ ବୋଲି ବିବେଚନା କରାଯାଇପାରିବ ନାହିଁ **, ଏୟାର ଇଣ୍ଡିଆ ବନାମ ନର୍ଗେଶ ମୀର୍ଜା ଏବଂ ଅନ୍ୟମାନେ  ମାମଲା (୧୯୮୧) ୪ ଏସ ସି ସି ୩୩୫** ମାମଲାରେ ଏହି ନ୍ୟାୟାଳୟ ଦେଇଥିବା ରାୟ ଅନୁଯାୟୀ ଏପରି ପେନସନ ଅଧିକାରକୁ ପ୍ରତ୍ୟାଖ୍ୟାନ କଲେ , ସମାନ ସ୍ଥିତିରେ ଥିବା ଦୁଇପ୍ରକାର ଗୋଷ୍ଠୀର କର୍ମଚାରୀଙ୍କ ମଧ୍ୟରେ ପରିଣାମସ୍ୱରୂପ ପ୍ରତିକୂଳ ପାତର ଅନ୍ତର ସୃଷ୍ଟି ହେବ ଏବଂ ଏହା ନିହାତି ଅସ୍ୱୀକାର୍ଯ୍ୟ ।

୧୧.୫  ଏହା ମଧ୍ୟ ଦାଖଲ କରାଯାଇଛି ଯେ ତା ୦୧.୦୪.୧୯୭୬ ରିଖ ଠାରୁ ୩୮୩ ଜଣ କର୍ମଚାରୀ (  ଉଭୟ ଅତୀତର ଏବଂ ବର୍ତ୍ତମାନର  ) ପେନସନ ସୁବିଧା ପାଇବା ପାଇଁ ଯୋଗ୍ୟ ଥିଲେ  , ଯେଉଁମାନଙ୍କ ମଧ୍ୟରୁ ୧୯୭୬

ମସିହାରୁ ମେ ୨୦୨୨ ମଧ୍ୟରେ ୧୪୦ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇସାରିଛି , ଏବେ କେବଳ ମୋଟ ୨୧୦ ଟି ପଦବୀ ଅଛି କାରଣ ସରକାର ୧୭୩ ପଦବୀ ଉଚ୍ଛେଦ କରିସାରିଛନ୍ତି , ଏବଂ ଏବେ ମାତ୍ର ୫୮ ଜଣ କର୍ମଚାରୀ ଅଛନ୍ତି ଯେହେତୁ ୧୯୯୬ ମସିହାରୁ କୌଣସି ନୂତନ ନିଯୁକ୍ତି କରାଯାଇନାହିଁ । ତେଣୁ ଏହି ପ୍ରକାରେ ପ୍ରତିବାଦ କରାଯାଇଛି ଯେ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କ ସଂଖ୍ୟା ଅଧିକ ଥାଇ ସୁଦ୍ଧା ସେମାନେ ପେନସନ ପାଇବାର ହକଦାର ହୋଇଥିବାବେଳେ ବୋର୍ଡ କର୍ମଚାରୀଙ୍କ ସଂଖ୍ୟା କମ୍ ଥାଇ ମଧ୍ୟ ସେମାନଙ୍କୁ ଆର୍ଥିକ ଅଭାବ ଆଳ ଦେଖାଇ ପେନସନ ନ ଦିଆଯିବାଟା ଓଡିଶା ପରି ଏକ ଆଦର୍ଶ କର୍ମ ନିଯୋକ୍ତା ରାଜ୍ୟ ପକ୍ଷେ ଆଦୌ ଉଚିତ ହେଉନାହିଁ ଯିଏ କି କେନ୍ଦ୍ରର ଆର୍ଥିକ ଦୃଷ୍ଟିରୁ ବଳିଷ୍ଠ ଥିବା କିଛି ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ ।

୧୧.୬ ବରିଷ୍ଠ ଅଧିବକ୍ତା ମହୋଦୟ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ସମାନ ପରିସ୍ଥିତିରେ **ଗୁଜରାଟ ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ବନାମ ଗୁଜରାଟ ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ପେନସନ ଉପଭୋକ୍ତା ସଂଘ : ୨୦୦୪ ଏସ ସି ସି ଅନଲାଇନ ଗୁଜ ୧୦୫** ମାମଲାରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠ ତା ୨୩ . ୦୭. ୨୦୦୪ ରିଖର ରାୟ ଦ୍ଵାରା , ଗୁଜରାଟ ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ ଏବଂ **୨୦୦୫ ର ଏସ ଏଲ ପି (ସିଭିଲ) ସି ସି ନମ୍ବର ୧୩୨୧-୧୪୮୨** ରେ ଦିଆଯାଇଥିବା ଉକ୍ତ ରାୟରେ ଏହି ନ୍ୟାୟାଳୟ ହସ୍ତକ୍ଷେପ କରିନଥିଲେ , ଯାହା ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ମଧ୍ୟ ଆକ୍ଷେପିତ ଆଦେଶମାନଙ୍କ ଦ୍ଵାରା ଅନୁରୂପ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରବର୍ତ୍ତାଇଥିଲା ଏବଂ ଦିଆଯାଇଥିବା ତଥ୍ୟଗୁଡିକର ଆଲେଖ୍ୟରେ , ଆକ୍ଷେପିତ ଆଦେଶଗୁଡିକରେ ହସ୍ତକ୍ଷେପ କରିବାର ପ୍ରୟୋଜନ ନାହିଁ ।

୧୧.୭ ପୁନଶ୍ଚ , ପ୍ରତିବାଦୀ ନଂ - ୧ ତରଫରୁ ଏହା ମଧ୍ୟ ଦାଖଲ କରାଯାଇଛି ଯେ ବହୁ ମାମଲାରେ , ଯେଉଁମାନେ ସି ପି ଏଫ ନେଉଥିଲେ କିମ୍ବା ସେଥିରେ ଯୋଗଦାନ କରୁଥିଲେ କିମ୍ବା ଅବସର ପାଇବା ପରେ ସି ପି ଏଫ ରୁ ଅର୍ଥ ଉଠାଇ ନେଇଥିଲେ , ପେନସନସୁବିଧା ଭୋଗ କରିବା ଲାଗି ଏହି ନ୍ୟାୟାଳୟ ଦ୍ଵାରା ନିର୍ଦ୍ଧାରିତ ରାଶି ସୁଧ ସହିତ ଫେରସ୍ତ ଦେବା ଲାଗି ସେମାନଙ୍କୁ ସ୍ଵାଧୀନତା ଦିଆଯାଇଥିଲା ଏବଂ **ଦିଲ୍ଲୀ ବିଶ୍ୱବିଦ୍ୟାଳୟ ବନାମ ଶଶି କିରଣ ଏବଂ ଅନ୍ୟମାନେ : ୨୦୨୨ ଏସ ସି ସି ଅନଲାଇନ ଏସ ସି ୫୯୪** ମାମଲାରେ ଦିଆଯାଇଥିବା ନିଷ୍ପତ୍ତିକୁ ଆଶ୍ରିତ କରି , ବୋର୍ଡର କର୍ମଚାରୀମାନଙ୍କୁ ସମତୁଲ୍ୟ ପେନସନ୍ ଲାଭ ପ୍ରଦାନ କରାଯାଇପାରେ ବୋଲି ଯୁକ୍ତି କରାଯାଇଛି ।

୧୧.୮  ପରିଶେଷରେ ଶ୍ରୀମାନ  ବରିଷ୍ଠ ଅଧିବକ୍ତା ଏକ ଆଗ୍ରହପୂର୍ଣ୍ଣ ନିବେଦନ କରି କହିଛନ୍ତି ଯେ ଏହି ନ୍ୟାୟାଳୟ ସଂପୃକ୍ତ କର୍ମଚାରୀମାନଙ୍କ ମାମଲାର ବିଚାର ସମ୍ବେଦନଶୀଳତା ସହ କରନ୍ତୁ ଏବଂ ସେଥିପାଇଁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବାକୁ ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା ନିଜର ଅସାଧାରଣ କ୍ଷମତାର ଉପଯୋଗ କରି , ରାଜ୍ୟ ସରକାରଙ୍କୁ ନିୟମ ୫୨ ର ସଂଶୋଧନ ପାଇଁ ସୁପାରିଶ କରି ପେନସନ ସୁବିଧା ସହଜରେ ପ୍ରଦାନ କରିବାକୁ ଆହ୍ୱାନ ଦିଅନ୍ତୁ , ଯାହାଦ୍ୱାରା ରାଜ୍ୟ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବୋର୍ଡ ପକ୍ଷରୁ କଠିନ ପରିଶ୍ରମ କରୁଥିବା କର୍ମଚାରୀମାନଙ୍କୁ ଏକ ସୁରକ୍ଷିତ ଅବସରପ୍ରାପ୍ତ ଜୀବନ ମିଳିପାରିବ ।

୧୨.    ପ୍ରତିବାଦୀ ନଂ. ୨- ବୋର୍ଡର ଶ୍ରୀମାନ ଓକିଲ କର୍ମଚାରୀଙ୍କ ଦ୍ୱାରା  ପେନସନ୍ ଲାଭ ପାଇଁ କରାଯାଇଥିବା ଦାବିକୁ ସମର୍ଥନ କରିଛନ୍ତି ଏବଂ କେତେକ ଅତିରିକ୍ତ ଉପସ୍ଥାପନ ସହିତ ଏହି ଆବେଦନକୁ ବିରୋଧ କରିଛନ୍ତି ।

୧୨.୧  ବୋର୍ଡର ଶ୍ରୀମାନ ଓକିଲ ଦର୍ଶାଇବେ ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୪୩ ନିୟମାନୁସାରେ ଖଦି ଏବଂ କୁଟୀରଶିଳ୍ପକୁ ପ୍ରୋତ୍ସାହନ ଦେବା ରାଜ୍ୟର  ସାମ୍ବିଧାନିକ ଦାୟିତ୍ୱ ହୋଇଥିବାରୁ ଆବେଦନକାରୀ ରାଜ୍ୟ ୧୯୫୫ ଅଧିନିୟମ ଲାଗୁ କରିଛି ଏବଂ ବୋର୍ଡ ପ୍ରତିଷ୍ଠା କରିଛି ।  ଏହା ମୂଳତଃ ରାଜ୍ୟର ପ୍ରୟାସ ହୋଇଥିବାରୁ , ବୋର୍ଡର କର୍ମଚାରୀମାନେ ରାଜ୍ୟ ସେବାରେ ସେମାନଙ୍କ ସମକକ୍ଷ କର୍ମଚାରୀମାନଙ୍କ ସହ ଯେଉଁ ସମାନତା ଅଧିକାର ଦାବି କରିଥିଲେ ତାହାକୁ ଅସ୍ୱୀକାର କରାଯାଇ ପାରିନଥାନ୍ତା ।

୧୨.୨  ଏହା ମଧ୍ୟ ଦାଖଲ କରାଯାଇଛି ଯେ ବୋର୍ଡରେ ଦୁଇ ପ୍ରକାରର କର୍ମଚାରୀ ଅଛନ୍ତି , ସେମାନଙ୍କ ମଧ୍ୟରୁ କିଛିଙ୍କୁ ବୋର୍ଡ  ନିଯୁକ୍ତ କରିଛି ଏବଂ ଆଉ କିଛି  ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ବୋର୍ଡକୁ ପ୍ରତିନିଯୁକ୍ତି (ଡେପୁଟେସନ) ରେ ଆସିଛନ୍ତି ।  ରାଜ୍ୟ ସରକାରଙ୍କଠାରୁ ପ୍ରତିନିଯୁକ୍ତିରେ ଆସୁଥିବା କର୍ମଚାରୀମାନେ  ପେନସନ ଏବଂ ପେନସନ୍ ସମ୍ବନ୍ଧୀୟ ସୁବିଧା ପାଇବାର ଅଧିକାରୀ ହୋଇଥିବାବେଳେ ବୋର୍ଡ ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି , ଯଦିଓ ମୂଳତଃ ସେମାନେ ଯେପରି ଭାରତୀୟ ସମ୍ବିଧାନର ଧାରା ୪୩ ରେ ଦର୍ଶାଯାଇଥିବାନୁସାରେ ରାଜ୍ୟର କାର୍ଯ୍ୟ ନିର୍ବାହ କରୁଛନ୍ତି ।

୧୨.୩  ଆହୁରି ମଧ୍ୟ କୁହାଯାଇଛି ଯେ , କେବଳ ପ୍ରତିନିଯୁକ୍ତିକାରୀମାନେ (ଡେପୁଟେସନିଷ୍ଟସ୍) ନୁହେଁ ବୋର୍ଡର କର୍ମଚାରୀମାନେ ମଧ୍ୟ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ଲାଗୁ ହେଉଥିବା ସେବା ସଂହିତା (ସର୍ଭିସ କୋଡ୍) , ଆର୍ଥିକ ନିୟମ (ଫାଇନାନ୍ସିଆଲ ରୁଲ୍ସ) , ଅଭିଲେଖ ପୁସ୍ତିକା (ରେକର୍ଡ ମାନୁଆଲ) , ବେତନହାର ନିୟମ (ପେ ସ୍କେଲ୍ ରୁଲ୍ସ) , ଛୁଟି ନିୟମ (ଲିଭ ରୁଲ୍ସ) , ସଂରକ୍ଷଣ ନିୟମ (ରିଜର୍ଭେସନ ରୁଲ୍ସ) , ଆଚରଣ ଓ ଅନୁଶାସନ ବିଧି (କଣ୍ଡକ୍ଟ ଓ ଡିସିପ୍ଲିନ୍ ରୁଲ୍ସ) ଇତ୍ୟାଦି ନିୟମ ଦ୍ୱାରା ପରିଚାଳିତ ହୁଅନ୍ତି । ସୁତରାଂ ଯେତେବେଳେ ସରକାରୀ କର୍ମଚାରୀମାନଙ୍କ

ପାଇଁ ପ୍ରୟୋଗ ହେଉଥିବା ଅନ୍ୟ ସମସ୍ତ ନିୟମ ବୋର୍ଡର କର୍ମଚାରୀମାନଙ୍କ ପାଇଁ ଲାଗୁ ହେଉ ଥିବାବେଳେ , ଓଡିଶା ଅବସରକାଳୀନ ମାସିକ ଭତ୍ତା ନିୟମାନୁସାରେ ସେହି କର୍ମଚାରୀମାନଙ୍କୁ ପେନସନ ଦେବାକୁ ବାରଣ କରିବା ଅନ୍ୟାୟପୂର୍ଣ୍ଣ ଅଟେ ଓ ଅନୁଚ୍ଛେଦ ୧୪ ନିୟମର ସ୍ୱଚ୍ଛତାକୁ ଉଲଂଘନ କରୁଛି ।

୧୨.୪ ଶ୍ରୀମାନ ଓକିଲଙ୍କ ଅନୁଯାୟୀ , ଉଚ୍ଚ ନ୍ୟାୟାଳୟ ବିଭିନ୍ନ ରାଜ୍ୟର ଖଦି ବୋର୍ଡ ଏବଂ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରୁ ଅନୁରୂପତା ଦେଖାଇଛନ୍ତି , ଯେଉଁଠାରେ କର୍ମଚାରୀମାନେ ପେନସନ ପାଇବା ପାଇଁ ହକଦାର ଅଟନ୍ତି ଏବଂ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବା ଅନ୍ୟାୟ କିମ୍ବା ଅଯୌକ୍ତିକ କିମ୍ବା ଅନୁଚିତ ନୁହେଁ ।

୧୨.୫ ବୋର୍ଡର ଶ୍ରୀମାନ ଓକିଲ ପୁଣିଥରେ ଏହି ପରିସଂଖ୍ୟାନ ବିଷୟରେ ଉଲ୍ଲେଖ କରି ଉପସ୍ଥାପନ କରିଛନ୍ତି ଯେ ବର୍ତ୍ତମାନର ମାମଲାରେ କେବଳ ଅଳ୍ପ ସଂଖ୍ୟକ କର୍ମଚାରୀ ପେନସନ ସୁବିଧା ଉପଲବ୍ଧ କରିବେ ଏବଂ ବୋର୍ଡର କର୍ମଚାରୀମାନେ ମୂଳତଃ ଗ୍ରୁପ - ବି ଏବଂ ଗ୍ରୁପ - ସି ପଦବୀରେ ନିଯୁକ୍ତ ଅଛନ୍ତି । ତେଣୁ ସେମାନଙ୍କ କ୍ଷେତ୍ରରେ ପେନସନ ଦେଲେ କୌଣସି ଅହେତୁକ ଅଙ୍କର ମାମଲା ହେବ ନାହିଁ ଏବଂ ଆର୍ଥିକ ସମ୍ବଳର ଅଭାବ ଥିବା ବାହାନା ଦର୍ଶାଇ ହୋଇଥିବା ଯୁକ୍ତି ପ୍ରତ୍ୟାଖାନ / ଖଣ୍ଡନ ହେବା ଉଚିତ।

୧୨.୬ ଯେଉଁ ବ୍ୟବସ୍ଥା ବଳରେ ବୋର୍ଡର କର୍ମଚାରୀମାନଙ୍କୁ ପେନସନ ଦିଆଯାଉନାହିଁ , ସେହି ବ୍ୟବସ୍ଥାକୁ ଆପତ୍ତି କରିବା ପ୍ରସଙ୍ଗରେ ତର୍କ କରାଯାଇଛି ଯେ ବୋର୍ଡର କର୍ମଚାରୀମାନେ ଦୀର୍ଘ ସମୟ ଧରି ପେନସନ ସୁବିଧା ପାଇବା ପାଇଁ ମକଦ୍ଦମା ଲଢି ଆସୁଛନ୍ତି ଏବଂ ଏବେର ମାମଲା ପ୍ରଥମ ପର୍ଯ୍ୟାୟ ମକଦ୍ଦମା ନୁହେଁ । ଏହି କର୍ମଚାରୀମାନଙ୍କ ତରଫରୁ ପେନସନ ଦାବି କରାଯିବା ହିଁ ସେମାନଙ୍କୁ ପେନସନ ନ ଦିଆଯିବା ବ୍ୟବସ୍ଥା ବିରୁଦ୍ଧରେ ଏକ ସିଧାସଳଖ ଆପତ୍ତି ଅଟେ ଏବଂ ବର୍ତ୍ତମାନ ମାମଲାର ପ୍ରଚ୍ଛଦପଟରେ , ଓଡ଼ିଶା ଖଦି ବୋର୍ଡର କର୍ମଚାରୀମାନେ ସେମାନଙ୍କୁ ପେନସନ ବାରଣ କରୁଥିବା ବ୍ୟବସ୍ଥା ବିରୁଦ୍ଧରେ ସିଧାସଳଖ ଅଭିଯୋଗ କରିନାହାନ୍ତି ବୋଲି ବୁଝାଯିବ ନାହିଁ ।

୧୨.୭ ବୋର୍ଡର ଶ୍ରୀମାନ ଓକିଲ ଏହି ପ୍ରାର୍ଥନାକୁ ଦୋହରାଇଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୪୩ ଅନୁଯାୟୀ ରାଜ୍ୟସ୍ତରରେ ପ୍ରତ୍ୟକ୍ଷଭାବେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ପ୍ରସଙ୍ଗ ଏକ ପ୍ରଶସ୍ତ ଦୃଷ୍ଟିକୋଣରେ ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ଅଭିଯୋଗଟିକୁ ସଂକୀର୍ଣ୍ଣ ବୈଷୟିକ ଦୃଷ୍ଟିକୋଣରୁ କଡା / କଠୋର କରାଯାଇପାରିବ ନାହିଁ । ତେଣୁ ନ୍ୟାୟର ବ୍ୟାପକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ଲାଗି ଏହି ନ୍ୟାୟାଳୟ ସଂପୃକ୍ତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବାର ନିର୍ଦ୍ଦେଶକୁ ବଜାୟ ରଖିବା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୪୨ କୁ ପ୍ରୟୋଗ କରିପାରିବେ ।

୧୩. ଆମେ ପ୍ରତିଦ୍ୱନ୍ଦ୍ୱୀ ଉପସ୍ଥାପନାକୁ ଉତ୍କଣ୍ଠାର ସହ ବିଚାର କରିଛୁ ଏବଂ ଲାଗୁ ହେଉଥିବା ଆଇନ ସନ୍ଦର୍ଭରେ ରେକର୍ଡର ସମୀକ୍ଷା କରିଛୁ I

୧୪. ପ୍ରଥମତଃ ଏହା ଲକ୍ଷ୍ୟ କରାଯାଇପାରେ ଯେ ଉତ୍ତରଦାତାଙ୍କ ଶ୍ରୀମାନ ଓକିଲ ଦ୍ୱାରା ଉଦ୍ଧୃତ ନିଷ୍ପତ୍ତିରେ ଏହି ସିଦ୍ଧାନ୍ତଗୁଡିକ ପ୍ରତିପାଦିତ ହୋଇଛି ଯେ ପେନସନ ନା ଦାତବ୍ୟ , ନା ବଦାନ୍ୟ , ନା ସ୍ୱେଚ୍ଛାଦତ୍ତ ଦେୟ , ବରଂ ଏହା ପୂର୍ବରୁ ଦିଆଯାଇଥିବା ସେବାରୁ ଉପାର୍ଜନ କରାଯାଇଥାଏ ଏବଂ ସରକାର କିମ୍ବା ଏହାର କୌଣସି ସଂସ୍ଥା କିମ୍ବା ସାଧନ ଦ୍ୱାରା କର୍ମଚାରୀଙ୍କ ନିହିତ ଅଧିକାରକୁ କାଢ଼ିବା ପାଇଁ ଆର୍ଥିକ ସମ୍ବଳର ଅନୁପଲବ୍ଧତା ସଫେଇ ଏକ ପ୍ରତିରକ୍ଷା ହୋଇପାରିବ ନାହିଁ , ଏଥିରେ କୌଣସି ସନ୍ଦେହ ନାହିଁ କି କୌଣସି ବିବାଦ ନାହିଁ I ତେବେ ବର୍ତ୍ତମାନ ହସ୍ତଗତ ହୋଇଥିବା ମାମଲାରେ ଏହି ସିଦ୍ଧାନ୍ତଗୁଡ଼ିକର ଉପଯୋଗିତା ପ୍ରଶ୍ନ ଉପରେ ଆମେ ନିମ୍ନରେ ଉଦ୍ଧୃତ ନିଷ୍ପତ୍ତିଗୁଡ଼ିକର ପ୍ରାସଙ୍ଗିକ ପର୍ଯ୍ୟବେକ୍ଷଣ ଏବଂ ଅଭିବ୍ୟକ୍ତିର ଅନୁଧ୍ୟାନ କରିପାରିବା I

୧୪.୧ ଡି. ଏସ୍. ନାକାରା (ପୂର୍ବୋକ୍ତ) ମାମଲାରେ ଏହି କୋର୍ଟ ଏହି ସିଦ୍ଧାନ୍ତକୁ ପୁନଃନିଶ୍ଚିତ କରିଥିଲେ ଯେ ପେନସନ କୌଣସି ବଦାନ୍ୟ ନୁହେଁ କିମ୍ବା ନିଯୁକ୍ତିଦାତାଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରୁଥିବା ଅନୁକମ୍ପା ବା ଅନୁଗ୍ରହପୂର୍ବକ ପାଉଣା ନୁହେଁ ଏବଂ ଏହା ସାମାଜିକ-ଆର୍ଥିକ ନ୍ୟାୟ ପ୍ରଦାନ କରୁଥିବା ଏକ ସାମାଜିକ କଲ୍ୟାଣକାରୀ ପଦକ୍ଷେପ I ଉଲ୍ଲେଖିତ ଅନୁଚ୍ଛେଦଗୁଡ଼ିକରେ , ଏହି ନ୍ୟାୟାଳୟ ନିମ୍ନୋକ୍ତ ମତ ରଖିଛନ୍ତି ଏବଂ ଏହା ପ୍ରକାଶ କରିଛନ୍ତି –

> "୨୦. ପେନସନ ଏକ ବଦାନ୍ୟ ଅଟେ , ନିଯୁକ୍ତିଦାତାଙ୍କ ମନମୁତାବକ କିମ୍ବା କୃପା ଆଧାରରେ ଏକ ସ୍ୱେଚ୍ଛାଦତ୍ତ ପାଉଣା ଯାହା ଅଧିକାର ଭାବେ ଦାବି କରାଯାଇପାରିବ ନାହିଁ ଏବଂ ସେଥିପାଇଁ ନ୍ୟାୟାଳୟ ଜରିଆରେ ପେନସନ ପାଇଁ କୌଣସି ଅଧିକାର ଲାଗୁ କରାଯାଇପାରିବ ନାହିଁ , ଏଭଳି ପୁରୁଣକାଳିଆ ଚିନ୍ତାଧାରା **ଦେଓକିନନ୍ଦନ ପ୍ରସାଦ ବନାମ ବିହାର ରାଜ୍ୟ [(୧୯୭୧) ୨ ଏସ ସି ସି ୩୩୦]** ମାମଲାରେ ସାମ୍ବିଧାନିକ ବିଚାରପୀଠର ନିର୍ଣ୍ଣୟ ତଳେ ଦବି ଯାଇଛି , ଯେଉଁଥିରେ ଏହି ନ୍ୟାୟାଳୟ ପ୍ରାଧିକୃତ ଭାବେ କହିଛନ୍ତି ଯେ ପେନସନ ଏକ ଅଧିକାର ଅଟେ ଏବଂ ଏହା ପ୍ରଦାନ କରିବା ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରେ ନାହିଁ , ବରଂ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ସେହି ନିୟମ ପରିସରରେ ଆସୁଥିବା ଜଣେ ସରକାରୀ କର୍ମଚାରୀ ପେନସନ ଦାବି କରିବା ପାଇଁ ହକଦାର I ଏହା ମଧ କୁହାଯାଇଥିଲା ଯେ ପେନସନ ପ୍ରଦାନ କାହାର ସ୍ୱତନ୍ତ୍ର ଇଚ୍ଛା ଉପରେ ନିର୍ଭର କରେନାହିଁ I କେବଳ ସେବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗକୁ ଧ୍ୟାନରେ ରଖି ଅର୍ଥର ପରିମାଣ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ପାଇଁ ଏହି ଆଦେଶ ପ୍ରଦାନ ଆବଶ୍ୟକ ହୋଇପାରେ , କିନ୍ତୁ ଏପରି କୌଣସି ଆଦେଶ କାରଣରୁ ନୁହେଁ ବରଂ ନିୟମ କାରଣରୁ ଜଣେ ଅଧିକାରୀ ପେନସନ ଅଧିକାର ଲାଭ କରିବେ I ଏହି **ମତ ପଞ୍ଜାବ ରାଜ୍ୟ ବନାମ ଇକବାଲ ସିଂହ [(୧୯୭୬) ୨ ଏସ ସି ସି ୧]** ଙ୍କ ମାମଲାରେ ପୁଣିଥରେ ସୁନିଶ୍ଚିତ ହୋଇଛି । **[(୧୯୭୬) ୨ ଏସ ସି ସି ୧]**
>
> * * * * *          * * * * *          * * * * *

୩୦. ପେନସନ୍ ଯୋଜନାରେ  ବା ପେନସନ୍ ଯୋଜନା ପ୍ରବର୍ତ୍ତନ କରୁଥିବା ବିଧାନରେ ଏହିପରି ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ସୂକ୍ଷ୍ମରେ ବୁଝିବା ପାଇଁ ବ୍ୟାଖ୍ୟାମୂଳକ ପ୍ରକ୍ରିୟା ସୂଚିତ କରିବା ଜରୁରୀ ଏବଂ ତଦନୁସାରେ ଏହାକୁ ଏକ କୋହଳ ଗଠନ ମିଳିବା ଉଚିତ ଏବଂ ନ୍ୟାୟାଳୟମାନେ ସେହିପରି ବିଧାନକୁ ଏପରି ବ୍ୟାଖ୍ୟା କରିପାରିବେ ନାହିଁ ଯାହା ସେମାନଙ୍କୁ ନିରର୍ଥକ କରିଦେବ (ଦେଖନ୍ତୁ ଆମେରିକୀୟ ନ୍ୟାୟପାଳିକା , ୨ ଡି , ୮୮୧) ।

୩୧. ଏହି ଆଲୋଚନାରୁ ତିନୋଟି କଥା ସାମ୍ନାକୁ ଆସିଛି : (i) ପେନସନ କର୍ମ ନିଯୋକ୍ତାଙ୍କ ମନମୁତାବକ ଦିଆଯାଉଥିବା କୌଣସି ବଦାନ୍ୟ କିମ୍ବା ଅନୁଗ୍ରହର ବିଷୟ ନୁହେଁ ଏବଂ ଏହା ୧୯୭୨ ମସିହାର ସୂତ୍ରାବଳୀ ସାପେକ୍ଷ ସୃଜନ ହୋଇଥିବା ଏକ ନ୍ୟସ୍ତ ଅଧିକାର ଯାହା ବୈଧାନିକ ଲକ୍ଷଣଯୁକ୍ତ ଅଟେ କାରଣ ସେଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ ୩୦୯ ଏବଂ ଅନୁଚ୍ଛେଦ ୧୪୮ର ଅନୁବିଧି (୫) ରେ ଥିବା ସର୍ତ୍ତାନୁସରେ କ୍ଷମତା ପ୍ରୟୋଗ କରି ପ୍ରଣୀତ ; (ii) ପେନସନ ଏକ ଅନୁଗ୍ରହପୂର୍ବକ ପାଉଣା ନୁହେଁ ବରଂ ଅତୀତର ସେବାଦାନର ପ୍ରତିମୂଲ୍ୟ ; (iii)ଏହା ଏକ ସମାଜ କଲ୍ୟାଣକାରୀ ପଦକ୍ଷେପ ଯାହା କର୍ମନିଯୋକ୍ତାଙ୍କ ପାଇଁ ନିଜ ଜୀବନର ସବୁଠାରୁ ସୁନ୍ଦର ସମୟକୁ ଉତ୍ସର୍ଗ କରି ଅକ୍ଳାନ୍ତ ପରିଶ୍ରମ କରିଥିବା ସେହି କର୍ମଚାରୀମାନଙ୍କ କଲ୍ୟାଣର୍ଥେ ଏକ ସାମାଜିକ ନ୍ୟାୟସ୍ୱରୂପ ଯେଉଁମାନେ ଏହି ଭରସାରେ ରହିଥାନ୍ତି ଯେ ବୃଦ୍ଧାବସ୍ଥାରେ ସେମାନେ ହିନସ୍ତା ହେବେ ନାହିଁ । ଏହା ମଧ୍ୟ ଲକ୍ଷ୍ୟ କରାଯିବା` ଉଚିତ ଯେ , ସେବାର ଶେଷ ତିନି ବର୍ଷରେ , ଯାହାକୁ କୋହଳ କରାଯାଇଥିବା ପେନସନ ଯୋଜନା ଅଧୀନରେ କମାଯାଇ ୧୦ ମାସ କରାଯାଇଛି , ଗ୍ରହଣ କରାଯାଇଥିବା ହାରାହାରି ଦରମା ସହିତ ସଂଶ୍ଳିଷ୍ଟ ପେନସନର ପରିମାଣ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଅଟେ । ଏହାର ପରିଶୋଧ ଅବସର ଉପରାନ୍ତେ ମଧ୍ୟ ତ୍ରୁଟିହୀନ ଆଚରଣର ଅତିରିକ୍ତ ସର୍ତ୍ତ ଉପରେ ନିର୍ଭର କରିଥାଏ , ଅର୍ଥାତ୍ , ସେବା ଚୁକ୍ତି ଶେଷ ହେବା ପରେ ଏବଂ ଶୃଙ୍ଖଳାଗତ ପଦକ୍ଷେପ ଭାବେ ଏହାକୁ ହ୍ରାସ କରାଯାଇପାରିବ କିମ୍ବା ଉଠାଇ ନିଆଯାଇପାରିବ ।"

୧୪.୨ **ଜିତେନ୍ଦ୍ର କୁମାର ଶ୍ରୀବାସ୍ତବ (ପୂର୍ବୋକ୍ତ)** ଙ୍କ ମାମଲାରେ, ଏହି ନ୍ୟାୟାଳୟ ପୁନଃ ନିଶ୍ଚିତ କରିଛନ୍ତି ଯେ ପେନସନ କୌଣସି ବଦାନ୍ୟ  ନୁହେଁ ବରଂ ଏହା କଷ୍ଟୋପାର୍ଜିତ ଲାଭ ଯାହା କୌଣସି କର୍ମଚାରୀଙ୍କୁ ନ୍ୟସ୍ତ କରାଯାଇଥାଏ  ଏବଂ ଏହା ଏକ ସମ୍ପତ୍ତିସ୍ୱରୂପ ହୋଇଥାଏ , ଯଥୋଚିତ ଆଇନ ପ୍ରକ୍ରିୟା ବିନା ଛଡ଼ାଇ ନିଆଯାଇ ପାରିବନାହିଁ । ଏହି ନ୍ୟାୟାଳୟ ବାଦୀଙ୍କର ପେନସନ ପାଇବାର ଅଧିକାର ଅସ୍ୱୀକୃତି ବିରୋଧରେ ନିର୍ଣ୍ଣୟ ଦେଲେ ଏବଂ **ଦେଓକିନନ୍ଦନ ପ୍ରସାଦ ବନାମ ବିହାର ରାଜ୍ୟ (୧୯୭୧) ୨ ଏସ ସି ସି ୩୩୦** ମାମଲାରେ ଏବଂ **ଡି. ଏସ୍. ନାକାରା (ପୂର୍ବୋକ୍ତ)** ମାମଲାରେ ଦିଆଯାଇଥିବା ନିଷ୍ପତ୍ତିକୁ ଉଲ୍ଲେଖିତ କରି ନିମ୍ନମତେ କହିଲେ –

"୮. ଏହା ଏକ ସ୍ୱୀକାରଯୋଗ୍ୟ ସ୍ଥିତି ଯେ ଗ୍ରାଚ୍ୟୁଇଟି ଏବଂ ପେନସନ୍ ବଦାନ୍ୟ ନୁହେଁ । ଜଣେ କର୍ମଚାରୀ ନିଜର ଦୀର୍ଘ , ନିରନ୍ତର , ବିଶ୍ୱସ୍ତ ଏବଂ ନିଷ୍କଳଙ୍କ ସେବା ପ୍ରଦାନ ଦ୍ୱାରା ଏହି ଲାଭ ଅର୍ଜନ କରିଥାଏ । **ଡ଼ି. ଏସ୍. ନାକାରା ବନାମ କେନ୍ଦ୍ର ସରକାର [ (୧୯୮୩ ) ୧ ଏସ ସି ସି ୩୦୫ ]** ରେ ଧାରଣାତ୍ମକ ଭାବେ ଏହା ସ୍ପଷ୍ଟ ରୂପେ ଏପରି ବର୍ଣ୍ଣିତ ...... ....... ଏହା ଏକ କଷ୍ଟୋପାର୍ଜିତ ଲାଭ ଯାହା କର୍ମଚାରୀଙ୍କୁ କଠିନ ପରିଶ୍ରମ ଦ୍ୱାରା ମିଳିଥାଏ ଏବଂ ଏହା 'ସମ୍ପତ୍ତି' ରୂପରେ ମିଳିଥାଏ । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୦୦-ଏ ର ବ୍ୟବସ୍ଥା ଅନୁସାରେ ଉଚିତ ଆଇନ ପ୍ରକ୍ରିୟା ବିନା ସମ୍ପତ୍ତିଗତ ଅଧିକାର ଛଡ଼ାଯାଇପାରିବ ନାହିଁ ।"

୧୪.୩ **ହରିୟାଣା ରାଜ୍ୟ କ୍ଷୁଦ୍ର ଜଳସେଚନ ଟ୍ୟୁବୱେଲ୍ସ କର୍ପୋରେସନ** (ପୂର୍ବୋକ୍ତ) ମାମଲାରେ , ଏହି ନ୍ୟାୟାଳୟ ଆର୍ଥିକ ପ୍ରତିବନ୍ଧକ ବାହାନାରେ କର୍ମଚାରୀମାନଙ୍କୁ ସଂଶୋଧିତ ବେତନହାର (ସ୍କେଲ) ପ୍ରଦାନ ଅସ୍ୱୀକାରତାକୁ ଅନୁମୋଦନ କଲେ ନାହିଁ ଏବଂ ନିମ୍ନରେ ଉଲ୍ଲେଖ କରିଥିଲେ :-

> "୩୩. ଆବେଦନକାରୀଙ୍କ ଯୁକ୍ତି ଯେ ନିଗମ (କର୍ପୋରେସନ) କ୍ଷତିରେ ଚାଲୁଛି ଏବଂ ବେତନହାର (ସ୍କେଲ) ସଂଶୋଧନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିବା କାରଣରୁ ଏହା ଆର୍ଥିକ ବୋଝକୁ ଭରଣା କରିପାରିବ ନାହିଁ , ଏବଂ ଆମ୍ଭ ଦୃଷ୍ଟିରେ ଏହା ଠିକ୍ ଅଟେ । ବାସ୍ତବିକ ସ୍ଥିତି ଯାହା ହେଉ ନା କାହିଁକି , ଆବେଦନକାରୀମାନେ ପ୍ରତିବାଦୀଙ୍କ ସଂଶୋଧିତ ବେତନହାର ଦାବିକୁ ପ୍ରତ୍ୟାଖ୍ୟାନ କରିବାରେ କୌଣସି ଆଧାର ଦୃଶ୍ୟମାନ ହେଉନାହିଁ । ଯଦି ସରକାର ଭାବୁଛନ୍ତି ଯେ ନିଗମ କ୍ଷତିରେ ଗତି କରୁଛି , ଅର୍ଥବ୍ୟବସ୍ଥାର ଉପାୟ , ବାରମ୍ବାର ବକେୟା ଛାଡ ବର୍ଜନ କରିବା , ପଦବୀ ହ୍ରାସ କରିବା କିମ୍ବା ପ୍ରତିନିଯୁକ୍ତ (ଡେପୁଟେସନ)କାରୀଙ୍କ ପ୍ରତ୍ୟାବର୍ତ୍ତନ ଏହି ସମସ୍ୟାର ସମ୍ଭାବ୍ୟ ସମାଧାନ ହୋଇପାରିବ। ସେ ଯାହା ହେଉ , **ଏମ. ଏମ୍. ଆର. ଖାନ ବନାମ ୟୁନିୟନ ଅଫ୍ ଇଣ୍ଡିଆ** [ ୧୯୯୦ ଏସ ୟୁ ପି ପି ଏସ ସି ସି ୧୯୧] ଏବଂ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ବନାମ ଷ୍ଟାଫ କ୍ୟାଣ୍ଟିନ ୱାର୍କର୍ସ ୟୁନିଅନ** [ (୨୦୦୦) ୪ ଏସ ସି ସି ୨୪୫ ] ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରତିପାଦିତ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କ ପାଇଁ ଏପରି ବିତର୍କ ଉପଲବ୍ଧ ହେବନାହିଁ । ତେବେ ଯେପର୍ଯ୍ୟନ୍ତ ଏହି ପଦବୀଗୁଡିକ ରହିଛି ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି ସେପର୍ଯ୍ୟନ୍ତ ପ୍ରତିନିଯୁକ୍ତି (ଡେପୁଟେସନ) ରେ ଅଣାଯାଇଥିବା କର୍ମଚାରୀଙ୍କ ପାଇଁ ମଞ୍ଜୁର କରାଯାଇଥିବା ଦରମା ତୁଳନାରେ କମ ଦରମା ଦେବାର ଯଥାର୍ଥତା ନାହିଁ । ବାସ୍ତବରେ , ଉପରୋକ୍ତ ଆଲୋଚିତ ଘଟଣାକ୍ରମ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ନିଗମ (କର୍ପୋରେସନ) ର କର୍ମଚାରୀମାନଙ୍କୁ ପ୍ରତ୍ୟେକ ଉପଲକ୍ଷରେ ବେତନହାର (ସ୍କେଲ) ସଂଶୋଧନ ସମୟରେ ସରକାରୀ କର୍ମଚାରୀମାନଙ୍କ ଭଳି ସମାନ ବ୍ୟବହାର କରାଯାଇଛି ।
>
> ୩୪. ଏହା ସ୍ୱୀକାର କରାଯାଇଛି ଯେ ପ୍ରାରମ୍ଭିକ ଭାବେ ତା ୧-୪-୧୯୭୯ ରିଖ ଠାରୁ ଏବଂ ପରେ ତା ୧ -୧- ୧୯୮୬ ରିଖ ଠାରୁ ବେତନହାର (ସ୍କେଲ) ରେ ସଂଶୋଧନ କରାଯାଇଥିଲା । ଏହି ଦୁଇ ଅବସରରେ ନିଗମ (କର୍ପୋରେସନ) ର କର୍ମଚାରୀମାନଙ୍କ ବେତନକୁ ସରକାରଙ୍କ କର୍ମଚାରୀମାନଙ୍କ ସହ ସମାନ ଭାବେ ବିବେଚନା କରାଯାଉଥିଲା । ତେଣୁ ଏହା ପ୍ରତିଷ୍ଠିତ ଯେ ଉଭୟ ସମାନ ଅବସ୍ଥିତିରେ ଥିଲେ । ଏହାପରେ ଏପରି କିଛି ଘଟିନାହିଁ ଯାହା ଭିନ୍ନ ବ୍ୟବହାରକୁ ଯଥାର୍ଥ ବୋଲି ଦର୍ଶାଇବ। ତେଣୁ ନିଗମ କେବଳ ଏକ ସୀମିତ ଶ୍ରେଣୀର କର୍ମଚାରୀଙ୍କ ପାଇଁ ଆର୍ଥିକ କ୍ଷତିକୁ ଏକ ଆଧାର ଭାବେ ଉପସ୍ଥାପନ କରିପାରିବ ନାହିଁ । ଏହା କୁହାଯାଇପାରିବ ନାହିଁ ଯେ ଅନ୍ୟ କର୍ମଚାରୀମାନଙ୍କୁ ସଂଶୋଧିତ ବେତନହାର (ସ୍କେଲ) ପ୍ରଦାନ କରିବା କ୍ଷେତ୍ରରେ ନିଗମ (କର୍ପୋରେସନ) ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ରହିଛି , କିନ୍ତୁ ଯେତେବେଳେ ସମାନ ଶ୍ରେଣୀଭୁକ୍ତ ଓ ସମାନ ସ୍ଥିତିରେ ଥିବା ଉତ୍ତରଦାତାଙ୍କ ବେଳେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି .......।"

୧୪.୪ **ପଞ୍ଜାବ ରାଜ୍ୟ ସମବାୟ କୃଷି ବିକାଶ ବ୍ୟାଙ୍କ ଲିମିଟେଡ** (ପୂର୍ବୋକ୍ତ) ମାମଲାରେ , ଏହି ନ୍ୟାୟାଳୟ କହିଥିଲେ ଯେ କର୍ମଚାରୀଙ୍କ ନିହିତ ଅଧିକାରକୁ କାଢ଼ିନେବା ପାଇଁ ସରକାରଙ୍କ କୌଣସି ସଂସ୍ଥା କିମ୍ବା ଜରିଆ ତରଫରୁ ଆର୍ଥିକ ସମ୍ବଳର ଅଭାବର ସଫେଇ ଦେବା ଏକ ପ୍ରତିରକ୍ଷା ହୋଇପାରିବ ନାହିଁ । ଏହି ନ୍ୟାୟାଳୟ ଏହିପରି କହିଲେ :–

> "୫୭. ଆମର ଦୃଷ୍ଟିକୋଣରୁ , କର୍ମଚାରୀଙ୍କ ସାମାଜିକ-ଆର୍ଥିକ ସୁରକ୍ଷା ପାଇଁ ସେମାନଙ୍କୁ ମିଳିଥିବା ନିହିତ ଅଧିକାରକୁ କାଢ଼ି ନେଉଥିବା ଆବେଦନକାରୀ ବ୍ୟାଙ୍କକୁ ଆର୍ଥିକ ସମ୍ବଳର ଅନୁପଲବ୍ଧତା ପ୍ରତିରକ୍ଷା ରୂପେ ଉପଲବ୍ଧ ହୋଇପାରିବ ନାହିଁ । ଏହା ଏକ ଆଶ୍ୱାସନା ଯେ ସେମାନଙ୍କ ବୃଦ୍ଧାବସ୍ଥାରେ ନିର୍ଦ୍ଦିଷ୍ଟକାଳୀନ ପେନସନ ପ୍ରଦାନ ସୁନିଶ୍ଚିତ ରହିବ । ସେମାନଙ୍କୁ ଦିଆଯାଉଥିବା ପେନସନ୍ କୌଣସି ବଦାନ୍ୟତା ନୁହେଁ ଏବଂ ଏହା ଆବେଦନକାରୀଙ୍କ ଉପରେ ନିର୍ଭର କରେ ଯେ କର୍ମଚାରୀଙ୍କ ଅଧିକାରକୁ ପୂରଣ କରି ସେମାନଙ୍କ ନିହିତ ଅଧିକାରର ସୁରକ୍ଷା ଲାଗି ଆବେଦନକାରୀ କେଉଁଠାରୁ ପାଣ୍ଠି ଉପଲବ୍ଧ କରାଇପାରିବେ ।"

୧୫. ଉପରୋକ୍ତ ନିଷ୍ପତ୍ତିଗୁଡିକୁ ସୂକ୍ଷ୍ମ ଅନୁଧ୍ୟାନ କରିବା ଦ୍ୱାରା ଏହା ସ୍ପଷ୍ଟ ଯେ , ଏଥିରେ ଥିବା ସିଦ୍ଧାନ୍ତଗୁଡିକୁ ଅବଶ୍ୟ ପୁଣିଥରେ ଦୋହରାଇବା ଆବଶ୍ୟକ ନୁହେଁ , ବର୍ତ୍ତମାନର ମାମଲାରେ ଏଗୁଡିକର କୌଣସି ପ୍ରୟୋଗ ନାହିଁ ।

୧୫.୧ ଏହା ସ୍ପଷ୍ଟ ଯେ ଏହିପରି ସମସ୍ତ ମାମଲାରେ ଯେଉଁଠାରେ ଏହି ନ୍ୟାୟାଳୟ ପେନସନ ସୁବିଧା ବାରଣକୁ ବିରୋଧ କରୁଥିଲେ , ତାହା ପାଇବାର ଅଧିକାର ପ୍ରଯୁଜ୍ୟ ନିୟମ ଏବଂ ସେବା ସର୍ତ୍ତାବଳୀରୁ ପ୍ରବହମାନ ଥିଲା। ପେନସନ ଅଧିକାର ରୂପରେ ପ୍ରଦାନ କରାଯିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତିଗୁଡିକୁ ମୂଲ୍ୟାୟନ କରାଯାଇ ପାରିବ ନାହିଁ ଯଦି ତାହା ନିୟମ ଏବଂ / କିମ୍ବା ସେବା ସର୍ତ୍ତରେ ନିର୍ଦ୍ଧାରିତ ବ୍ୟବସ୍ଥାକୁ ବିରୋଧ କରୁଥାଏ ।

୧୫.୨ ବର୍ତ୍ତମାନର ମାମଲାରେ ଏହା ବିବାଦୀୟ ନୁହେଁ ଯେ ବୋର୍ଡର କର୍ମଚାରୀମାନଙ୍କ ସେବା ସର୍ତ୍ତାବଳୀ ପରିଚାଳନା କରୁଥିବା ୧୯୬୦ ନିୟମାବଳୀରେ ବିଶେଷ କରି ନିୟମ ୫୨ ରେ ଏହି ସର୍ତ୍ତ ରହିଛି ଯେ ସେମାନେ ପେନସନ ପାଇବା ପାଇଁ ହକଦାର ହେବେ ନାହିଁ । ଉକ୍ତ ନିୟମ ୫୨କୁ ଅଗ୍ରାହ୍ୟ କରି ଉତ୍ତରଦାତାଙ୍କ ତରଫରୁ ଦର୍ଶାଯାଇଥିବା ଉଦ୍ଧୃତ ନିଷ୍ପତ୍ତିମାନଙ୍କୁ ପ୍ରାଧାନ୍ୟ ଦିଆଯାଇପାରିବ ନାହିଁ ।

୧୫.୩ ଆର୍ଥିକ ପ୍ରତିବନ୍ଧକ ସମ୍ବନ୍ଧୀୟ ପ୍ରଶ୍ନ ସମ୍ପର୍କରେ , ଏହା ସତ୍ୟ ଯେ ବୋର୍ଡ ଏବଂ ସରକାରଙ୍କ ମଧ୍ୟରେ ବିନିମୟ କରାଯାଇଥିବା ଯୋଗାଯୋଗରେ ଏବଂ ଏତଦ୍ ଦ୍ୱାରା ଜଣାଇ ଦିଆଯାଇଥିବା ନିଷ୍ପତ୍ତିରେ , ନିୟମ ୫୨ରେ ପିଛିଲା ସଂଶୋଧନ ପାଇଁ କରାଯାଇଥିବା ଅନୁରୋଧକୁ ଗ୍ରହଣ ନ କରିବା କାରଣ ମାନଙ୍କ ମଧ୍ୟରୁ ଆର୍ଥିକ ପ୍ରତିବନ୍ଧକ ଏକ କାରଣ ବୋଲି ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଛି । ପ୍ରଶ୍ନ ଉଠୁଛି ଯେ ସରକାର କ'ଣ ଏଭଳି ସଂଶୋଧନ ପ୍ରସ୍ତାବକୁ ଗ୍ରହଣ ନ କରିବା କାରଣମାନଙ୍କ ମଧ୍ୟରୁ ଆର୍ଥିକ ପ୍ରତିବନ୍ଧକ ଏକ କାରଣ ବୋଲି ଦର୍ଶାଇପାରିନଥାନ୍ତେ ?

୧୫.୪ ଆମର ଦୃଷ୍ଟିକୋଣରୁ , ଉପରୋକ୍ତ ନିଷ୍ପତ୍ତିଗୁଡିକ ଆଲେଖ୍ୟରେ ନିୟମ ୫୨ ରେ ପିଛିଲା ଭାବରେ ସଂଶୋଧନ ପାଇଁ ପ୍ରାର୍ଥନାକୁ ଅସ୍ୱୀକାର କରିବା ସମୟରେ ସରକାରଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଆର୍ଥିକ ପ୍ରତିବନ୍ଧକ ପ୍ରସଙ୍ଗକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଯେଉଁ କର୍ମଚାରୀମାନଙ୍କୁ ବେତନହାର (ପେ ସ୍କେଲ) ର ସଂଶୋଧନ ସମୟରେ (ହରିୟାଣା ମାମଲା ଭଳି ପୂର୍ବୋକ୍ତ ) ସରକାରୀ କର୍ମଚାରୀଙ୍କ ସହ ସମାନ ଭାବେ ବ୍ୟବହାର

କରାଯାଉଥିଲା ସେମାନଙ୍କୁ ସଂଶୋଧିତ ବେତନହାର (ପେ ସ୍କେଲ) ଦେବାକୁ ବାରଣ କରିବା ; କିମ୍ବା କର୍ମଚାରୀମାନଙ୍କୁ ମିଳିଥିବା ନିହିତ ଅଧିକାରକୁ ଛଡ଼ାଇ ନେବା (ପଞ୍ଜାବ ମାମଲା ଭଳି ପୂର୍ବୋକ୍ତ) ବର୍ତ୍ତମାନର ମାମଲାରେ ଅଣା ଯାଇପାରିବ ନାହିଁ , ଯେଉଁଥିରେ ସରକାର ବୋର୍ଡର କର୍ମଚାରୀମାନଙ୍କ ସେବା ସର୍ତ୍ତାବଳୀରେ ପିଛିଲା ଭାବରେ ଅର୍ଥାତ୍ ତା ୦୧.୦୪.୧୯୭୬ ରିଖ ଠାରୁ ଲାଗୁ କରିବାକୁ ପ୍ରସ୍ତାବିତ ପରିବର୍ତ୍ତନକୁ ସ୍ୱୀକାର କରିନାହାନ୍ତି , ବୋର୍ଡର କର୍ମଚାରୀଙ୍କୁ ନ୍ୟସ୍ତ ହୋଇଥିବା କିମ୍ବା ସେମାନଙ୍କର ସଞ୍ଚିତ ଅଧିକାରକୁ ପ୍ରତ୍ୟାଖ୍ୟାନ କରିବାର ଏହା ମାମଲା ନୁହେଁ ।

୧୬. ପ୍ରଦତ୍ତ ତଥ୍ୟ ଏବଂ ପରିସ୍ଥିତିରେ , ଏୟାର ଇଣ୍ଡିଆ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି (ପୂର୍ବୋକ୍ତ) , ପ୍ରତିକୂଳ ପାତର ଅନ୍ତର ବିରୋଧରେ ସିଦ୍ଧାନ୍ତକୁ ଦୋହରାଇବା ପ୍ରତିବାଦୀଙ୍କୁ କୌଣସି ସହାୟତା ପ୍ରଦାନ କରିବ ନାହିଁ କାରଣ ଅନୁଚ୍ଛେଦ ୧୪ ଯାହା ନିଷେଧ କରୁଛି ତାହା ପ୍ରତିକୂଳ ପାତର ଅନ୍ତର ଅଟେ କିନ୍ତୁ ଯୁକ୍ତିଯୁକ୍ତ ଶ୍ରେଣୀଭୁକ୍ତ ନୁହେଁ । **ଏୟାର ଇଣ୍ଡିଆ (ପୂର୍ବୋକ୍ତ)** ମାମଲାରେ ଉଲ୍ଲେଖିତ ଅନୁଚ୍ଛେଦରେ , ଏହି ନ୍ୟାୟାଳୟ ପ୍ରତିକୂଳ ପାତର ଅନ୍ତର ବିରୋଧରେ ଥିବା ସିଦ୍ଧାନ୍ତକୁ ପୁନର୍ବାର ଗୁରୁତ୍ୱ ପ୍ରଦାନ କରିଥିଲେ , କିନ୍ତୁ ଏହା ସହିତ , ନିମ୍ନୋକ୍ତ ମତ ପୋଷଣ କରି ଯୁକ୍ତିଯୁକ୍ତ ବର୍ଗୀକରଣର ସିଦ୍ଧାନ୍ତକୁ ରେଖାଙ୍କିତ କରିଥିଲେ :

> **"୩୯ .....**
>
> "(୧)......
>
> (୨) ଅନୁଚ୍ଛେଦ ୧୪ ଶତ୍ରୁତାପୂର୍ଣ୍ଣ ଭେଦଭାବକୁ ନିଷେଧ କରୁଛି ସତ କିନ୍ତୁ ଯୁକ୍ତିଯୁକ୍ତ ବର୍ଗୀକରଣ କରୁନାହିଁ । ତେଣୁ କୌଣସି ନିର୍ଦ୍ଦିଷ୍ଟ ବର୍ଗଭୁକ୍ତ ବ୍ୟକ୍ତିମାନେ ସେମାନଙ୍କର ସ୍ୱତନ୍ତ୍ର ଗୁଣ ,ଯୋଗ୍ୟତା , ନିଯୁକ୍ତି ପଦ୍ଧତି ଏବଂ ତଦନୁରୂପ , ଦୃଷ୍ଟିରେ ଲୋକହିତ ଦୃଷ୍ଟିରୁ ପଛୁଆ ବର୍ଗର ସଦସ୍ୟମାନଙ୍କୁ ଆଗକୁ ବଢ଼ାଇବା ଏବଂ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଯେତେବେଳେ ଭିନ୍ନ ଭାବେ ବ୍ୟବହାର କରାଯାଏ , ଏପରି ବର୍ଗୀକରଣକୁ ବୈଷମ୍ୟମୂଳକ ଆଚରଣ ବୋଲି ଧରାଯିବ ନାହିଁ ; ଏପରି କ୍ଷେତ୍ରରେ ଅନୁଚ୍ଛେଦ ୧୪ ସଂପୂର୍ଣ୍ଣ ବାଦ ପଡିବ ।
>
> (୩) ଅନୁଚ୍ଛେଦ୧୪ ନିଶ୍ଚିତ ଭାବେ ସେହି କ୍ଷେତ୍ରରେ ଲାଗୁ ହେବ ଯେଉଁଠାରେ ବିନା କୌଣସି ଯୁକ୍ତିଯୁକ୍ତ ଆଧାରରେ ସମାନ ସ୍ଥିତିରେ ଥିବା ଲୋକମାନଙ୍କ ସହିତ ଭିନ୍ନ ପ୍ରକାରରେ ବ୍ୟବହାର କରାଯାଏ।
>
> (୪) ଯେଉଁଠାରେ ସମାନ ଏବଂ ଅସମାନଙ୍କ ସହ ଭିନ୍ନ ଭିନ୍ନ ବ୍ୟବହାର କରାଯାଏ, ଅନୁଚ୍ଛେଦ ୧୪ ର କୌଣସି ପ୍ରୟୋଗ ହେବ ନାହିଁ।
>
> (୫) ଯଦି ଗୋଟିଏ ଶ୍ରେଣୀର ସେବାରେ ଭିନ୍ନ ଭିନ୍ନ ଗୁଣ ଏବଂ ପରିସ୍ଥିତି ଥିବା ବିଭିନ୍ନ ଶ୍ରେଣୀ / ବର୍ଗ ଥାଏ, ତେବେ ସେହି ବର୍ଗ ନିଜ ପାଇଁ ଏକ ପୃଥକ୍ ବର୍ଗ କରିଥାଏ ଏବଂ ସେହି ବର୍ଗ ଏବଂ ଅନ୍ୟ ବର୍ଗର ସାଧାରଣ ସଦସ୍ୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କିମ୍ବା ଭେଦଭାବ ରହିଲେ କୌଣସି ପ୍ରକାରର ଭେଦଭାବ କିମ୍ବା ସୁଯୋଗର ସମାନତାକୁ ଅସ୍ୱୀକାର କରୁଛି ବୋଲି କୁହାଯିବ ନାହିଁ ।
>
> (୬) ସେବାର ଏକ ଶ୍ରେଣୀରୁ ଏକ ପୃଥକ ବର୍ଗ ଗଠନ କରାଯାଇଛି କି ନାହିଁ ତାହା ବିଚାର କରିବା ପାଇଁ ନିମ୍ନଲିଖିତ ପରିସ୍ଥିତିକୁ ସାଧାରଣତଃ ଯାଞ୍ଚ କରିବାକୁ ପଡ଼ିବ :
>
> (କ) ଆରମ୍ଭରୁ କୌଣସି ବିଶେଷ ବର୍ଗର ନିଯୁକ୍ତି ଲକ୍ଷଣ , ପଦ୍ଧତି ଓ ପ୍ରଣାଳୀ ,

(ଖ) ନିର୍ଦ୍ଦିଷ୍ଟ ବର୍ଗର ବର୍ଗୀକରଣ ,
(ଗ) ସେହି ବର୍ଗର ସଦସ୍ୟମାନଙ୍କର ସେବାର ନିୟମ ଓ ସର୍ତ୍ତାବଳୀ ,
(ଘ) ପଦଗୁଡ଼ିକର ଲକ୍ଷଣ ଓ ଚରିତ୍ର ଏବଂ ପଦୋନ୍ନତିର ସୁଯୋଗ ,
(ଙ) ନିର୍ଦ୍ଦିଷ୍ଟ ବର୍ଗରେ ଥିବା ସ୍ୱତନ୍ତ୍ର ବିଶେଷତ୍ୱ ଯାହା ଅନ୍ୟ ବର୍ଗରେ ମିଳି ନଥାଏ ଏବଂ ତଦନୁରୂପ।"

୧୬.୧ ବୋର୍ଡର କର୍ମଚାରୀମାନଙ୍କୁ ସମସ୍ତ ଉଦ୍ଦେଶ୍ୟପୂର୍ତ୍ତି ନିମନ୍ତେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସହ ସମାନ କରିବା ଲାଗି ତା ୨୦.୧୨.୨୦୧୨ ରିଖରେ ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶରେ ତଥା ଉତ୍ତରଦାତାଙ୍କ ତରଫରୁ କରାଯାଇଥିବା ତର୍କରେ ମଧ୍ୟ ସେମାନଙ୍କର ନିଜସ୍ୱ ତ୍ରୁଟି ରହିଛି । ଯଦିଓ ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ବୋର୍ଡ ରାଜ୍ୟ ଅଧିନିୟମ ଅଧୀନରେ ପ୍ରତିଷ୍ଠା ହୋଇଛି ଏବଂ ଅନେକ ପ୍ରାସଙ୍ଗିକ କାରଣରୁ ଏହା ରାଜ୍ୟର ଏକ ସାଧନ ବୋଲି ବିବେଚନା କରାଯାଇପାରେ , ତେବେ ଏହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ଗଠିତ ବୋର୍ଡର ସ୍ୱତନ୍ତ୍ର ଢାଞ୍ଚାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇପାରିବ ନାହିଁ । ବୋର୍ଡ ଏକ ଆଇନାନୁଯାୟୀ ଗଠିତ ଏକ ସଙ୍ଘବଦ୍ଧ ସଂସ୍ଥା (କର୍ପୋରେଟ) , ଓ ଏକ ନାମରେ ଅଭିହିତ ହୋଇ ନିଗମରେ ପରିଣତ ହୋଇଥିବାରୁ , ୧୯୫୫ ଅଧିନିୟମର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଏହା ପ୍ରତିଷ୍ଠିତ ହୋଇଛି ଏବଂ ଏହାର ବାହାରେ ନୁହେଁ । ଏହାର ସ୍ୱାଧୀନ କର୍ପୋରେଟ ସତ୍ତା ଏବଂ ଅସ୍ତିତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପୂର୍ବ ମଞ୍ଜୁରି ସହିତ ବୋର୍ଡ ଦ୍ୱାରା ଅଧିନିୟମ ୧୯୫୫ ସହ ସାମଞ୍ଜସ୍ୟ ରଖି ନିୟମ ପ୍ରସ୍ତୁତ କରିବା ଲାଗି ବ୍ୟବସ୍ଥା କରାଯାଇଛି , ଯେଉଁଠାରେ ନିୟମାବଳୀ ବୋର୍ଡ କର୍ମଚାରୀଙ୍କ ପାରିଶ୍ରମିକ , ଭତ୍ତା ଏବଂ ସେବାର ଅନ୍ୟାନ୍ୟ ସେବା ସର୍ତ୍ତଗୁଡିକୁ ପ୍ରଦାନ କରିପାରିବ (ଅଧିନିୟମ ୩୬ ଜରିଆରେ) । ସେହି ଅନୁସାରେ ୧୯୬୦ ର ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା । ସେଥିରେ ବୋର୍ଡର କର୍ମଚାରୀମାନଙ୍କ ପାଇଁ ଓଡ଼ିଶା ସେବା ସଂହିତାରେ ଥିବା ନିୟମାବଳୀର ଏକ ପର୍ଯ୍ୟାପ୍ତ ଅଂଶ ଆବଶ୍ୟକୀୟ ପରିବର୍ତ୍ତନ ସହ ବୋର୍ଡ କର୍ମଚାରୀମାନଙ୍କ ପାଇଁ ଲାଗୁ ହୋଇଥିବା ସତ୍ତ୍ୱେ , ନିୟମ ୪୦ ଏକ ବ୍ୟତିକ୍ରମ ଅନୁବିଧି ସହ ଆରମ୍ଭ ହେଉଛି , ଯାହାକି ଉକ୍ତ ବ୍ୟବସ୍ଥାକୁ ନିୟମାବଳୀର ଅନ୍ୟାନ୍ୟ ବ୍ୟବସ୍ଥା ସାପେକ୍ଷରେ କରିଛି । ଏହାପରେ , ନିୟମ ୫୨ ରେ ଏହା ବିନିର୍ଦ୍ଦିଷ୍ଟ ଭାବେ ବ୍ୟବସ୍ଥା କରାଯାଇଛି ଯେ ବୋର୍ଡର କର୍ମଚାରୀମାନେ ଆନୁତୋଷିକ (ଗ୍ରାଚ୍ୟୁଇଟି) ଏବଂ ସି ପି ଏଫ ଲାଭ ବ୍ୟତୀତ ଅନ୍ୟ କୌଣସି ପେନସନ ପାଇବାର ହକଦାର ହେବେ ନାହିଁ ;ଏବଂ ସି ପି ଏଫ ର ସଦସ୍ୟତା / ଅଂଶଦାନ ଉଦ୍ଦେଶ୍ୟରେ ଆହୁରି ବ୍ୟବସ୍ଥା କରାଯାଇଛି । ସୁତରାଂ ଭାରତର ସମ୍ବିଧାନର ଅନୁଚ୍ଛେଦ ୪୩ ର ସର୍ତ୍ତାନୁସାରେ ଯଦିଓ ବୋର୍ଡ ନିଜ ଦାୟିତ୍ୱ ନିର୍ବାହ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି , ଏହି ନିଗମର କର୍ମଚାରୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ଯେ ସମାନ ବ୍ୟବହାର କରାଯିବ , ଏହି ଅନୁସିଦ୍ଧାନ୍ତକୁ ଅନୁସରଣ

କରାଯାଇପାରିବ ନାହିଁ । ଏହିପରି  ଅନୁସିଦ୍ଧାନ୍ତ ଦ୍ୱାରା ବାସ୍ତବରେ ବୋର୍ଡ , ସରକାରଙ୍କ ବିଭାଗମାନଙ୍କ ମଧ୍ୟରୁ ଗୋଟିଏ ଗଣା ହେବ ନାହିଁ ; ବରଂ ଏହାକୁ ରାଜ୍ୟ ସରକାରଙ୍କ ସହିତ ମିଶାଇ ଦେବା ସଦୃଶ ହେବ । ବର୍ତ୍ତମାନର ବିଧିକୁ ଦୃଷ୍ଟିରେ ରଖି ଏହା ସମ୍ଭବପର ନୁହେଁ ।  ଏହିଭଳି ସ୍ଥିତି ଥିବାବେଳେ ପ୍ରଶ୍ନରେ ଥିବା ନିୟମାବଳୀ ଯେତେବେଳେ  ଅବସର ଗ୍ରହଣ ଲାଭ ସମ୍ପର୍କରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛି , ସେତେବେଳେ , କୌଣସି ପ୍ରକାର ଯୁକ୍ତିତର୍କ ଦ୍ୱାରା ତାହାକୁ ଅଣଦେଖା କରାଯାଇପାରିବ ନାହିଁ ।

୧୬.୧.୧ ଏହାକୁ ଭିନ୍ନ ଦୃଷ୍ଟିରେ ଉପସ୍ଥାପନ କଲେ , ଯଦିଓ ଖଦି ଏବଂ କୁଟୀର ଶିଳ୍ପର ବିକାଶ ରାଜ୍ୟ ନିର୍ଦ୍ଦେଶାବଳୀ ନୀତିର ଏକ ସିଦ୍ଧାନ୍ତ ଅଟେ , ତଥାପି ଏହା ଏକ ଅନୁସିଦ୍ଧାନ୍ତ ରୂପେ ଅନୁସରଣୀୟ ନୁହେଁ ଯେ ଯଦି ରାଜ୍ୟ ଏପରି ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ଅଧୀନରେ ଦାୟିତ୍ୱ ନିର୍ବାହ କରିବା ପାଇଁ କୌଣସି ବୋର୍ଡ କିମ୍ବା କୌଣସି ସଂଗଠନର ପ୍ରତିଷ୍ଠା କରିଥାଏ , ତେବେ ଏପରି ବୋର୍ଡ କିମ୍ବା ସଂଗଠନର କର୍ମଚାରୀଙ୍କ ସେବା ସର୍ତ୍ତାବଳୀ ସମ୍ବନ୍ଧରେ ପୃଥକ ବ୍ୟବସ୍ଥା କରିପାରିବ ନାହିଁ ।  ଉଲ୍ଲେଖନୀୟ ଯେ, ୧୯୬୦ ମସିହାର ନିୟମ ୪୦ ଏକ ବ୍ୟତିକ୍ରମ ଅନୁବିଧି ସହ ଆରମ୍ଭ ହେଉଛି  ଏବଂ ବୋର୍ଡ କର୍ମଚାରୀମାନଙ୍କ ସେବାର ସାଧାରଣ ସର୍ତ୍ତାବଳୀ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସେବାର ସର୍ତ୍ତାବଳୀ ଅନୁଯାୟୀ ପ୍ରଦାନ କରାଯାଇଥିବା ବେଳେ ଏହି ବ୍ୟବସ୍ଥା ସର୍ତ୍ତାବଳୀର ଅନ୍ୟାନ୍ୟ ବ୍ୟବସ୍ଥା ସାପେକ୍ଷରେ କରାଯାଇଛି  । ତେଣୁ ନିୟମ ୫୨ ରେ ଥିବା ଅନ୍ୟ ବ୍ୟବସ୍ଥାକୁ ଅଣଦେଖା କରାଯାଇପାରିବ ନାହିଁ ।

୧୬.୨ ରାଜ୍ୟ ପକ୍ଷରୁ କୁହାଯାଇଛି ଯେ ଉପରୋକ୍ତ ନିୟମ ୫୨ କୁ ନା ଆପତ୍ତି କରାଯାଇଛି ନା ଏହାକୁ ଅବୈଧ ଘୋଷଣା କରାଯାଇଛି , ପ୍ରତିବାଦକାରୀଙ୍କ ତରଫରୁ କୁହାଯାଇଛି ଯେ ଯେତେବେଳେ କର୍ମଚାରୀମାନେ ନିୟମିତ ଭାବେ ନିବେଦନ ପତ୍ରଦ୍ୱାରା ପେନସନ ଦାବି କରିଆସୁଛନ୍ତି ଏବଂ ମାମଲା ମଧ୍ୟ ଦାୟର୍ କରୁଛନ୍ତି , ସେତେବେଳେ ସେମାନଙ୍କ ଦାବି / ପ୍ରାର୍ଥନାରେ ସ୍ୱତଃ ଏହାର ବିପରୀତଧର୍ମୀ ବ୍ୟବସ୍ଥା ପ୍ରତି ଆପତ୍ତି ନିହିତ ରହିଛି । ଏହି ଉପସ୍ଥାପନଗୁଡ଼ିକୁ କେବଳ ଏକାଧିକ କାରଣରୁ ଖାରଜ କରାଯାଇଥିବା ଉଲ୍ଲେଖ କରାଯାଇଛି । ପ୍ରଥମତଃ , ବିଧାନର ବର୍ତ୍ତମାନର ବ୍ୟବସ୍ଥାର ବିପରୀତେ କେବଳ ପ୍ରାର୍ଥନା କରିବା ହିଁ ଏହି ବ୍ୟବସ୍ଥା ପ୍ରତି  ଆପତ୍ତି ଉଠାଯାଇଛି ବୋଲି ଧରାଯିବ ନାହିଁ ।  ଦ୍ୱିତୀୟତଃ, କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ପ୍ରତି ଆପତ୍ତି କରିବା ଲାଗି , ବୈଧାନିକ କ୍ଷମତାର ଅଭାବଜନିତ କିମ୍ବା କୌଣସି ସାମ୍ବିଧାନିକ ଆଦେଶକୁ ଉଲ୍ଲଂଘନ କରିବା କାରଣଜନିତ ନିର୍ଦ୍ଦିଷ୍ଟ ମାମଲା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ।  ଏଭଳି କୌଣସି ଆପତ୍ତି କିମ୍ବା ଆଧାର ନା ଜୋର୍ ଦେଇ ନିବେଦନ କରାଯାଇଥିଲା ନା ଏହାକୁ ଗ୍ରହଣ କରାଯାଇପାରିଥିଲା ।  ତୃତୀୟତଃ , ଏହା ସ୍ପଷ୍ଟ ଦୃଷ୍ଟ ଯେ ଏହି ପୁରା ପ୍ରାର୍ଥନାରେ ନିୟମ ୫୨ ରେ ସଂଶୋଧନ ପାଇଁ ହିଁ ଅନୁରୋଧ କରାଯାଇଥିଲା ଏବଂ ବର୍ତ୍ତମାନ ଯେଉଁ  ଢାଞ୍ଚାରେ ଏଥିରେ

ବ୍ୟବସ୍ଥା ରହିଛି , ତାହାକୁ ଅବୈଧ ଘୋଷଣା କରିବାକୁ ଅନୁରୋଧ କରାଯାଇନଥିଲା । ନିୟମରେ ସଂଶୋଧନ ନିମନ୍ତେ କରାଯାଇଥିବା ପ୍ରାର୍ଥନାକୁ , ଅବୈଧ ଘୋଷଣା କରିବା ପାଇଁ କରାଯାଇଥିବା ପ୍ରାର୍ଥନା ସହ ସମାନ ବୋଲି କୁହାଯାଇପାରିବ ନାହିଁ । ପୂର୍ବରୁ ଏଠାରେ ଯାହା ଦୃଷ୍ଟିଗୋଚର ହୋଇଛି , ରାଜ୍ୟ ସରକାର ତା ୧.୪.୧୯୭୬ ରିଖ ଠାରୁ ସେବା ସର୍ତ୍ତରେ ପରିବର୍ତ୍ତନ ଆଣିବାକୁ ସହମତ ନଥିବାରୁ ଏହି ପ୍ରସ୍ତାବିତ ପରିବର୍ତ୍ତନକୁ ମୁଖ୍ୟତଃ ପ୍ରତ୍ୟାଖ୍ୟାନ କରିଛନ୍ତି । ଯେକୌଣସି ଦୃଷ୍ଟିକୋଣରୁ ଦେଖିଲେ , ପ୍ରତିକୂଳ ପାତର ଅନ୍ତରକୁ ନିଷେଧ କରୁଥିବା ସିଦ୍ଧାନ୍ତଗୁଡ଼ିକ ପ୍ରତି ଉଠିଥିବା ଆପତ୍ତି ଭିତ୍ତିହୀନ ଏବଂ ସେହି ଆଧାରରେ କରାଯାଉଥିବା ଯୁକ୍ତିଗୁଡ଼ିକ ପ୍ରତ୍ୟାଖ୍ୟାନର ଯୋଗ୍ୟ ।

୧୭. ପ୍ରତିବାଦୀଙ୍କ ତରଫରୁ ଗୁଜରାଟ ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡ (ପୂର୍ବୋକ୍ତ) ମାମଲାରେ ଗୁଜୁରାଟ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ ଉପରେ ମଧ୍ୟ ଦୃଢ଼ ଭାବରେ ନିର୍ଭର କରାଯାଇଛି , ଏହାକୁ ଯଦିଓ ଏହି ନ୍ୟାୟାଳୟ ଦର୍ଶାଇଛନ୍ତି କିନ୍ତୁ ଏଥିରେ କୌଣସି ହସ୍ତକ୍ଷେପ କରିନଥିଲେ ଏବଂ ଅପିଲ କରିବା ପାଇଁ ଅନୁମତି ମାଗିଥିବା ଆବେଦନକୁ ଖାରଜ କରିଦେଇଥିଲେ । ଏହି ନିର୍ଣ୍ଣୟ ଆଧାରରେ ଯୁକ୍ତି ଉପସ୍ଥାପିତ କରାଯାଇଛି ଯେ ଗୁଜରାଟ ରାଜ୍ୟରେ ଏକାଭଳି ବୋର୍ଡର କର୍ମଚାରୀମାନଙ୍କୁ ପେନସନ୍ ଅଧିକାର ପ୍ରଦାନ କରାଯିବା ଯୋଗୁଁ ପ୍ରତିବାଦୀ ବୋର୍ଡର କର୍ମଚାରୀମାନଙ୍କୁ ଏକାପ୍ରକାର ସୁବିଧା ଦେବାର ଯଥେଷ୍ଟ କାରଣ ରହିଛି । ଉପସ୍ଥାପନଗୁଡିକ ପ୍ରତିବାଦୀ ବୋର୍ଡର କର୍ମଚାରୀଙ୍କ ମାମଲାକୁ ଆଉ ଆଗକୁ ବଢେଇବ ନାହିଁ । ସେବା ସର୍ତ୍ତାବଳୀର ଉଲ୍ଲେଖନୀୟ ପାର୍ଥକ୍ୟରୁ ପ୍ରବହମାନ ଏହା ଏକ ସରଳ କିନ୍ତୁ ପ୍ରାସଙ୍ଗିକ କାରଣ ଅଟେ । ଉଚ୍ଚ ନ୍ୟାୟାଳୟ ଉଲ୍ଲେଖିତ ରାୟର ପାରା ୧୪ ରେ ଲକ୍ଷ୍ୟ କରିଛନ୍ତି ଯେ ସେହି ବୋର୍ଡର କର୍ମଚାରୀମାନଙ୍କ ସମ୍ବନ୍ଧରେ ପେନସନ ଯୋଜନା ତା ୧୨.୧୧.୧୯୭୩ ରିଖ ଠାରୁ ଲାଗୁ କରାଯାଇଥିଲା ଏବଂ ଯେଉଁମାନେ ଅଂଶଦାୟୀ ଭବିଷ୍ୟନିଧି ପାଣ୍ଠି (ସି ପି ଏଫ ) ର ସଦସ୍ୟ ଥିଲେ ସେମାନଙ୍କୁ ମଧ୍ୟ ପେନସନ ଯୋଜନା ପାଇଁ ଯୋଗ୍ୟ ଘୋଷଣା କରାଯାଇଥିଲା । ପାରା ୧୪ ରେ ଉଚ୍ଚ ନ୍ୟାୟାଳୟ ନିମ୍ନରେ ପ୍ରଦତ୍ତ ଅନ୍ୟାନ୍ୟ ବିଷୟ ଲକ୍ଷ୍ୟ କରିଥିଲେ ଯେ :

> "୧୪ . ସମସ୍ତ ବ୍ୟବହାରିକ ଉଦ୍ଦେଶ୍ୟ ପାଇଁ, ପ୍ରତିବାଦୀ ନଂ ୧ - ବୋର୍ଡ ହେଉଛି ରାଜ୍ୟର ଏକ ସାଧନ ଏବଂ, ତେଣୁ , ଏହା ଅନୁଚ୍ଛେଦ ୧୨ ଅଧୀନରେ ଆସିଥାଏ ଏବଂ ନିଃସନ୍ଦେହ ଭାବେ ଏହି ନ୍ୟାୟାଳୟର ରିଟ ନ୍ୟାୟାଧିକାରିତା କ୍ଷେତ୍ରର ବଶ୍ୟ ଅଟେ । ୧୯୭୩ ମସିହାରୁ ପେନସନ୍ ଯୋଜନା ପ୍ରତିବାଦୀ ନଂ ୧ଙ୍କର ବ୍ୟବସ୍ଥାରେ ଆରମ୍ଭ ହୋଇଥିଲା ଏବଂ ତାହା ତା ୧୨.୧୧.୧୯୭୩ ରିଖ ଠାରୁ ଲାଗୁ ହୋଇଥିଲା ।
> ଯେଉଁମାନେ ସି ପି ଏଫ ର ସଦସ୍ୟ ଥିଲେ , ସେମାନେ ହିଁ ପେନସନ ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହା ମଧ୍ୟ ତା ୦୬.୧୧.୮୭ ରିଖର ସଂକଳ୍ପ ଦ୍ୱାରା ଦୃଢୀକୃତ , ସମର୍ଥିତ ଏବଂ ବଳବତ୍ତର ହୋଇଛି । ତେଣୁ ଏହା ସ୍ପଷ୍ଟ ଯେ ଆବେଦନକାରୀ , ଯେଉଁମାନେ ପ୍ରତିବାଦୀ ନଂ ୧- ବୋର୍ଡର କର୍ମଚାରୀ ଥିଲେ ଏବଂ ତା ୦୧.୦୧.୮୬ ରିଖ ପରେ ଅବସର ନେଇଛନ୍ତି , ସେମାନେ ମଧ୍ୟ ପେନସନ ସୁବିଧା ପାଇବା ପାଇଁ ହକଦାର ଥିଲେ । ପ୍ରତିବାଦୀ ନଂ. ୧-ବୋର୍ଡ , ନିଃସନ୍ଦେହ ଭାବେ , ବୋର୍ଡର ସେବାରୁ ଅବସର

ନେଇଥିବା କର୍ମଚାରୀମାନଙ୍କୁ, ପେନସନ ପ୍ରଦାନ କରିଆସୁଛି , ସେମାନେ ପେନସନ ଲାଭ ପାଇଛନ୍ତି ସତ କିନ୍ତୁ ତା ୩୧.୧୨.୧୯୯୫ ରିଖ ପର୍ଯ୍ୟନ୍ତ ପଞ୍ଚମ ବେତନ ଆୟୋଗ ରିପୋର୍ଟ ଦ୍ୱାରା କରାଯାଇଥିବା ସୁପାରିସ ଅନୁଯାୟୀ ପାଇନାହାନ୍ତି । ଏହାର ଫଳସ୍ୱରୂପ ଆବେଦନକାରୀମାନଙ୍କୁ ପଞ୍ଚମ ବେତନ ଆୟୋଗ ସୁପାରିଶ ପୂର୍ବାନୁଯାୟୀ ଦିଆଯାଉଥିବା ପେନସନ ବକେୟା ଏବଂ ଦେୟ ରହିଥିଲା ଏବଂ ଏହା ଜାରି ରହିଥିଲା । ତଥାପି , ପଞ୍ଚମ ବେତନ ଆୟୋଗ ରିପୋର୍ଟ ଦ୍ୱାରା କରାଯାଇଥିବା ସୁପାରିସର ପ୍ରଭାବ ରାଜ୍ୟ ଦ୍ୱାରା ଗୃହୀତ ହୋଇଥିଲା ଏବଂ ଏହା ସତ୍ତ୍ୱେ ପ୍ରତିବାଦୀ ନଂ ୨ - ରାଜ୍ୟ ଓ ପ୍ରତିବାଦୀ ନଂ ୧ - ବୋର୍ଡ ଉଭୟଙ୍କୁ ପେନସନ ଦିଆଯାଇ ନାହିଁ । ଅନ୍ୟ ପ୍ରକାରେ , ପେନସନ ଯୋଜନା ଅନ୍ତର୍ଗତ ଉପଲବ୍ଧ ପେନସନ ସୁବିଧା , ଯାହାକୁ କି ପଞ୍ଚମ ବେତନ ଆୟୋଗ ରିପୋର୍ଟ ଅନୁସାରେ ସଂଶୋଧିତ କରାଯାଇନାହିଁ , ଯଦିଓ ଉତ୍ତରଦାତା କର୍ତ୍ତୃପକ୍ଷମାନେ ଏହାକୁ ସ୍ୱୀକାର କରିଛନ୍ତି ଏବଂ ଗ୍ରହଣ କରିଛନ୍ତି , କିନ୍ତୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ ।"

୧୭.୧ ଏହି ମାମଲାରେ , ପେନସନ ଯୋଜନା ପୂର୍ବରୁ ଆରମ୍ଭ କରାଯାଇଥିଲା ଏବଂ ତା ୧୨.୧୧.୧୯୭୩ ରିଖ ଠାରୁ ଲାଗୁ କରାଯାଇଥିଲା ଏବଂ ସି ପି ଏଫ ର ସଦସ୍ୟ ଥିବା କର୍ମଚାରୀମାନଙ୍କୁ ପେନସନ ଯୋଜନା ପାଇଁ ଯୋଗ୍ୟ ଘୋଷଣା କରାଯାଇଥିଲା । ପ୍ରକୃତରେ ପ୍ରଶ୍ନ ଉଠୁଥିଲା ଯେ ଗୁଜରାଟ ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡର କର୍ମଚାରୀମାନେ , ଯେଉଁମାନେ କି ତା ୦୧.୦୧.୧୯୯୬ରିଖ ପୂର୍ବରୁ ଅବସର ନେଇଥିଲେ ସେମାନେ ପଞ୍ଚମ ବେତନ ଆୟୋଗ ରିପୋର୍ଟର ସୁପାରିଶ ଅନୁସାରେ ସଂଶୋଧିତ ବେତନ ହାର (ପେ ସ୍କେଲ) ଅନୁଯାୟୀ ପେନସନ ପାଇବା ପାଇଁ ହକଦାର ଥିଲେ କି ନାହିଁ । ଆବେଦନକାରୀ ରାଜ୍ୟକୁ ନିୟମାବଳୀ (ରେଗୁଲେସନ) ରେ ସଂଶୋଧନ କରିବାକୁ ଏବଂ ସେବା ସର୍ତ୍ତାବଳୀରେ ପରିବର୍ତ୍ତନ କରିବାକୁ ଆଦେଶନାମା ଜାରି କରିବା ପାଇଁ ଉକ୍ତ ନିର୍ଣ୍ଣୟର ମନ୍ତବ୍ୟଗୁଡିକୁ ପ୍ରୟୋଗ କରାଯାଇପାରିବ ନାହିଁ ।

୧୮. ଉପରୋକ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖିଲେ , ଏହା ଦେଖାଯାଏ ଯେ ଉଦ୍ଧୃତ ନିଷ୍ପତ୍ତିଗୁଡିକ ଉତ୍ତରଦାତାମାନଙ୍କର ଦାବିକୁ କୌଣସି ସହାୟତା ପ୍ରଦାନ କରୁନାହିଁ ।

୧୯. ଉତ୍ତରଦାତାଙ୍କ ଦ୍ୱାରା ଅନ୍ୟ ଏକ କାରଣ ଦର୍ଶାଯାଇଛି ଯେ ଅଳ୍ପ ସଂଖ୍ୟକ କିଛି ପ୍ରପୀଡିତ କର୍ମଚାରୀ ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ପକାଇବେ ନାହିଁ ଯାହା ନ୍ୟାୟାଳୟକୁ ନିୟମାବଳୀ ସଂଶୋଧନ କରିବା ପାଇଁ ରାଜ୍ୟକୁ ଆଦେଶନାମା ଜାରି କରିବା ଆବଶ୍ୟକ ହେବା ଭଳି ମାମଲା ସୃଷ୍ଟି କରୁନାହିଁ । ୧୯୫୫ ଅଧିନିୟମ ଏବଂ ୧୯୬୦ ନିୟମାବଳୀ ଯୋଜନାରେ ନିୟମରେ ସଂଶୋଧନ କରାଯିବା ଉଚିତ କି ନୁହେଁ , ଏହା ନିର୍ଣ୍ଣୟ କରିବାକୁ ରାଜ୍ୟ ଉପରେ ଛାଡିଦେବା ଆବଶ୍ୟକ ଏବଂ ସେଥିପାଇଁ ପ୍ରପୀଡିତ / ସୁବିଧାପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା କେତେ ତାହା ଅପ୍ରାସଙ୍ଗିକ । ଏହି ପରିପ୍ରେକ୍ଷୀରେ , ପୂର୍ବରୁ ଏଠାରେ ଲକ୍ଷ୍ୟ କରାଯାଇଥିବାନୁଯାୟୀ , ପିଛିଲା ଭାବେ ନିୟମକୁ ସଂଶୋଧିତ କରିବା ଏବଂ ତା ୦୧.୦୪.୧୯୭୬ ରିଖ ଠାରୁ ପେନସନ ସୁବିଧା ଦେବାକୁ ଅନୁମତି ପ୍ରଦାନ ବିରୁଦ୍ଧରେ ରାଜ୍ୟ ସରକାର ଆପତ୍ତି କରୁଥିଲେ । କେବଳ ଏତିକି ନୁହେଁ , ଏଭଳି ବ୍ୟବସ୍ଥା ସରକାରଙ୍କ

ପାଇଁ ବିପୁଳ ପ୍ରଶାସନିକ ସମସ୍ୟା ସୃଷ୍ଟି କରିପାରେ ବୋଲି ଉଲ୍ଲେଖିତ ଚିଠିରେ ଥିବା ସଂକେତ / ସୂଚନାକୁ କେବଳ ଏକ ଆଳ କିମ୍ବା ବାଜେ ବାହାନା ବୋଲି କୁହାଯାଇ ପାରିବ ନାହିଁ । ଏହି ପର୍ଯ୍ୟବେକ୍ଷଣ ଓ ବିବାଦର ଫଳାଫଳ ଯାହା ହେଉ ନା କାହିଁକି , ଆମ୍ଭେ ତୁରନ୍ତ ଏହା ଦେଖିବୁ ଯେ , ରାଜ୍ୟ ସରକାର ପ୍ରସ୍ତାବିତ ଫର୍ମରେ ହେଉ କିମ୍ବା ଅନ୍ୟ କୌଣସି ରୂପାନ୍ତରିତ ଫର୍ମରେ ହେଉ , ସଂଶୋଧନ କରିବାକୁ ଚାହିଁଲେ ସେଥିରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ବର୍ତ୍ତମାନର ଆବେଦନରେ କେବଳ ଗୋଟିଏ ପ୍ରଶ୍ନ ଉଠୁଛି ଯେ ସଂଶୋଧନ କରିବା ଲାଗି ରାଜ୍ୟକୁ ଆଦେଶନାମା (ମାଣ୍ଡାମସ) ଜାରି କରାଯାଇପାରିଥାନ୍ତା କି ? ଯେପରି ପରିଦୃଷ୍ଟ , ଏହାର ଉତ୍ତର କେବଳ ନାସ୍ତିସୂଚକ ହିଁ ହୋଇପାରେ ।

୨୦. ଯଦି ପେନସନ ସମ୍ବନ୍ଧୀୟ ଅଧିକାର ମଞ୍ଜୁର ହେଲା ତେବେ ସୁଧ ସହିତ ଅର୍ଥ ଫେରସ୍ତ କରିବା ସମ୍ବନ୍ଧରେ ଉତ୍ତରଦାତାଙ୍କ ତରଫରୁ କରାଯାଇଥିବା ଅନ୍ୟ ଉପସ୍ଥାପନଟି ବୋର୍ଡର କର୍ମଚାରୀଙ୍କ ସପକ୍ଷରେ କୌଣସି ମାମଲା ଗଠନ କରୁନାହିଁ । ଏଠାରେ ଦିଆଯାଇଥିବା ଉପରୋକ୍ତ ମନ୍ତବ୍ୟ ଅନୁଯାୟୀ , ପ୍ରତିବାଦୀ ଚାହୁଁଥିବା ଅନୁସାରେ ଆବେଦନକାରୀ ରାଜ୍ୟକୁ ସଂଶୋଧନ କରିବା ଲାଗି ପରମ ଆଦେଶ ରିଟ୍ (ମାଣ୍ଡାମସ ) ଜାରି କରାଯାଇପାରିବ ନାହିଁ । ତେଣୁ ଏହି ମାମଲାରେ ସମ୍ପୃକ୍ତ କର୍ମଚାରୀ ମାନେ ପାଇଥିବା ଅର୍ଥକୁ ଫେରସ୍ତ ଦେବାର ପ୍ରଶ୍ନ ଉଠୁନାହିଁ ।

୨୧. ଏଠାରେ ଉପରେ ଯାହା ଆଲୋଚନା କରାଯାଇଛି , ତଦନୁସାରେ ଆମର ସ୍ପଷ୍ଟ ମତ ଯେ ମାନ୍ୟବର ଏକକ ବିଚାରପତି ତା ୨୫.୧୦.୨୦୧୦ ରିଖରେ ଜାରି କରିଥିବା ଆଦେଶରେ ଦେଇଥିବା ନିର୍ଦ୍ଦେଶକୁ ଅନୁମୋଦନ କରାଯାଇପାରିନଥାନ୍ତା । ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଏଥିପ୍ରତି ସଚେତନ ଥିଲେ ଯେ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ସଂଶୋଧନ କରିବା ଲାଗି ନିର୍ଦ୍ଦେଶ ଦେଇ ଏପରି କୌଣସି ଆଦେଶନାମା (ମାଣ୍ଡାମସ) ଜାରି କରାଯାଇ ପାରିବ ନାହିଁ ଏବଂ ସେଥିପାଇଁ ତା ୨୦.୧୨.୨୦୧୨ ରିଖରେ ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ "ପରାମର୍ଶଦାତା" ସ୍ୱଭାବର ବୋଲି ଅଭିହିତ କରାଯାଇଥିଲା । ତେବେ ଏହି ଖଣ୍ଡପୀଠ ଏହାର ପରବର୍ତ୍ତୀ ପ୍ରସ୍ତାବରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ଅବଶ୍ୟ କରିବେ ବୋଲି ମତ ଦେଇ ମାଇଲେ ଆଗକୁ ବଢି ଯାଇଥିଲେ । ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଏକ ପରାମର୍ଶକୁ , ସମ୍ମାନର ସହ , ଜନାଦେଶରେ ଏଭଳି ରୂପାନ୍ତରିତ କରିବାଟା ଅନୁମତି ପାଇବା ଯୋଗ୍ୟ ନୁହେଁ କି ଆଇନ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ।

୨୨. ଉତ୍ତରଦାତାଙ୍କ ପାଇଁ ଶ୍ରୀମାନ ଓକିଲ , ସମ୍ପୂର୍ଣ୍ଣ ସ୍ୱଚ୍ଛତା ପୂର୍ବକ , ପରିଶେଷରେ ଏକ ପ୍ରାର୍ଥନା କରିଛନ୍ତି ଯେ ବୋର୍ଡ କର୍ମଚାରୀଙ୍କ ପାଇଁ ପେନସନ ସୁବିଧା ଉପଲବ୍ଧ କରିବା ପାଇଁ ଏବଂ ଏହିଭଳି ଭାବରେ ସଂପୂର୍ଣ୍ଣ ନ୍ୟାୟ ପ୍ରଦାନ ନିମିତ୍ତ ଏହି ନ୍ୟାୟାଳୟ ଭାରତର ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ କ୍ଷମତା ପ୍ରୟୋଗ କରି ଏହି

ଶୂନ୍ୟସ୍ଥାନକୁ ପୂରଣ କରିପାରିବେ । ଏହି ପରିପ୍ରେକ୍ଷୀରେ ମଧ୍ୟ ଏହି ପ୍ରୟାସକୁ ସମ୍ମାନ ଜଣାଇ ଆମ୍ଭେ କେବଳ ଏହା କହିପାରିବା ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ଏହି ନ୍ୟାୟାଳୟ ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି କୌଣସି ନିର୍ଦ୍ଦେଶ ଜାରି କରିପାରିବ ନାହିଁ ଏବଂ ସମ୍ବେଦନା ଅଥବା ଭାବପ୍ରବଣତାକୁ ଆଧାର କରି ଆଇନଗତ ଅଧିକାରର ବହିର୍ଭୂତ ବା ଏହାର ବିରୋଧ କରି କୌଣସି ଆଦେଶ ପ୍ରଦାନ କରାଯାଇପାରିବ ନାହିଁ । ବର୍ତ୍ତମାନର ନିୟମ ୫୨କୁ ଦୃଷ୍ଟିରେ ରଖି , ଆମେ ଉତ୍ତରଦାତାଙ୍କ ତରଫ ର ଶ୍ରୀମାନ ଓକିଲଙ୍କ ଦ୍ୱାରା କରାଯାଇଥିବା ପ୍ରାର୍ଥନାକୁ ସ୍ୱୀକାର କରିବା କାଠିକରପାଠ ବୋଲି ଅନୁଭବ କରୁଛୁ । ଏହି ପରିପ୍ରେକ୍ଷୀରେ ଆମେ କେବଳ ଏତିକି ପୁନରାବୃତ୍ତି କରିପାରିବା ଯେ ଯଦି ରାଜ୍ୟ ସରକାର ୧୯୬୦ ନିୟମାବଳୀରେ କୌଣସି ସଂଶୋଧନ କରିବାକୁ ଚାହୁଁଛନ୍ତି ତେବେ ସେଥିରେ ଏହି ରାୟରେ ପ୍ରଦତ୍ତ କୌଣସି ବିଷୟବସ୍ତୁ ଏଥିରେ କିଛି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ।

୨୩. ଉପରୋକ୍ତ ଅବଲୋକନ ସାପେକ୍ଷରେ ଏହି ଅପିଲ ସଫଳ ହୋଇଛି ଏବଂ ଏହାକୁ ଅନୁମତି ଦିଆଯାଉଛି - ଆକ୍ଷେପିତ ଆଦେଶଗୁଡ଼ିକୁ ବାତିଲ କରାଯାଉଛି ଏବଂ ପ୍ରତିବାଦୀ ନଂ. ୧ ଦ୍ୱାରା ଦାଖଲ କରାଯାଇଥିବା ରିଟ ଆବେଦନକୁ ଖାରଜ କରାଯାଉଛି । ବାବଦ ଖର୍ଚ୍ଚ ନାହିଁ ।

**.........ବିଚାରପତି**

**(ଦିନେଶ ମାହେଶ୍ୱରୀ)**

**ନୂଆଦିଲ୍ଲୀ ;**
**ମାର୍ଚ୍ଚ ୧୭, ୨୦୨୩।**

**.........ବିଚାରପତି**
**(ସଞ୍ଜୟ କୁମାର)**

## ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ ,**
**ଓଡିଶା ଉଚ୍ଚ ନ୍ୟାୟାଳୟ , କଟକ ।**